ମୂଲ୍ୟ:₹ ୧/-

ଧରିତ୍ରୀ
DHARITRI

# ସାହିତ୍ୟାଙ୍ଗନ

୫-୧୮ ଫେବୃୟାରୀ, ୨୦୨୦

**ସ୍ମରଣୀୟ** : ପବିତ୍ର ପାଣିଗ୍ରାହୀ

**ଅନୁବାଦ ଗଳ୍ପ** : ଶରତ କୁମାର ରାଉତ

ଏଥିସହିତ ଅନେକ ଗଳ୍ପ ଓ କବିତାର ସମ୍ଭାର



# ପରମ ସୁବିଧାବାଦୀ

**ବ୍ୟଙ୍ଗ ଗଳ୍ପ**

**ରାଧାଶ୍ୟାମ ରାଉଳ**

ଗାଲମାଧବ ଦାସ ଓରଫ ଗାଲୁଆବାବୁ ଅଫିସରେ ଚାରିଶହଚାଳିଶ ଭୋଲ୍ଟକ୍ଷମତାସମ୍ପନ୍ନସହକାରୀଯନ୍ତ୍ରୀ । ବାବୁଆମରକାର୍ଯ୍ୟନିର୍ବାହ କ୍ଷେତ୍ରରେ ଅମଣିଆ, ଲେକିନ୍ ଫନ୍ଦିଫିକର ପ୍ରୟୋଗରେ ଖାଣ୍ଟି ବାଣୁଆ !

ଏକଦା ଜନୈକ ସାମ୍ବାଦିକ ବନ୍ଧୁ ପ୍ରଶ୍ନ କଲେ, ‘‘ମହାଶୟ, ଆମ୍ଭଙ୍କୁ ତଥ୍ୟ ମିଳିଛିଯେ ଆପଣ ଦୁର୍ନୀତିରେ ସଦାସର୍ବଦା ଲିପ୍ତ ରହିଆସୁଛନ୍ତି ! ଆପଣମାନଙ୍କ ଭଳି ଯଦି ଦେଶରେ ଦୁର୍ନୀତିଗ୍ରସ୍ତ ଲୋକମାନଙ୍କର ସଂଖ୍ୟା ଦିନକୁ ଦିନ ବଢ଼ିଚାଲିବ, ତେବେ ଦେଶର ଅବସ୍ଥା କୁଆଡ଼କୁ ଯିବ ?’’ ଗାଲୁଆବାବୁ ଫେଁକିନା ହସିଦେଇ କହିଲେ, ‘‘ମୋ’ ପାଖରେ ଦୁର୍ନୀତି ଫୁର୍ନୀତି କଥା କାହିଁଛି ଉଠଉଛ ହୋ ସାମ୍ବାଦିକ ବାବୁ ! ଆରେ କେତେ ବଡ଼ବଡ଼ ମୂଷା, ଯଥା: ଗାତୁଆ ମୂଷା, ପାହାଡ଼ି ମୂଷା, ଖେତୁଆ ମୂଷା ଇତ୍ୟାଦି ଇତ୍ୟାଦି ଅଛନ୍ତି । ସେଗୁଡ଼ିକୁ ଯାନି ସେମାନଙ୍କୁ ନ ଧରି ଏ ଛାର ଚୁଟିଆ ମୂଷାଟିକୁ କାହିଁକି ହଟହଟା କରୁଛ କିହୋ ? ତୁମ ମିଡିଆବାଲାଙ୍କ ଚାରିଖୁରାକୁ ମୋର ହଜାରେ ଜୁହାର ! କେତେବେଳେ ଦେବତାଙ୍କୁ ସଇତାନ ତ କେତେବେଳେ ସଇତାନଙ୍କୁ ଦେବତା ବନେଇଦେବ !’’

ସାମ୍ବାଦିକ ବନ୍ଧୁ କିଛିମାତ୍ରାରେ ଗମ୍ଭୀର ହୋଇଯାଇ କହିଲେ, ‘‘ଆପଣ ଆଜ୍ଞା, ନେଇ ଆଣି ଥୋଇପାରିବା ବିଦ୍ୟାରେ ଫୁଲ୍ ପାରଙ୍ଗମ ! ଆଇମିନ୍, ଆପଣ ଯଦିଓ ଅବାଧରେ ଦୁର୍ନୀତି କରି ଚାଲିଛନ୍ତି, ତଥାପି ଆପଣ ଉଚ୍ଚ ପଦାଧିକାରୀମାନଙ୍କର ପ୍ରିୟଭାଜନ ହୋଇପାରୁଛନ୍ତି ! ଇଏ କିଛି କମ୍ କଥା ନୁହଁ । ତେବେ ମୋର ଯାହା ମନେହୁଏ, ଆପଣମାନେ ସଭିଏଁ ମିଳିମିଶି ଦୁର୍ନୀତିଲବ୍ଧ ଅର୍ଥକୁ ‘ରାଧେ ରାଧେ’ ସୂତ୍ରରେ ଭାଗବଣ୍ଟୁଆରା କରିନେଉଛନ୍ତି । ଯଦି ଏହା ସତ୍ୟ ହୋଇଥାଏ, ତେବେ ପରିସ୍ଥିତି ଅସମ୍ଭାଳ ହେବ ନିଶ୍ଚୟ !’’

ଗାଲୁଆବାବୁ ତାଚ୍ଛଲ୍ୟ କରି କହିଲେ, ‘‘ଓହୋ ! ଯାଉନ, କ’ଣଟା ନିହାଲ କରିପକେଇବ ? ଆମର ୟୁନିୟନ ଅଛି ବୁଝିଲ, ଉଭୟ ରାଜ୍ୟ ଏବଂ ସର୍ବଭାରତୀୟ ସ୍ତରରେ । ଚାହିଁଲେ, କ’ଣ ନା କ’ଣ କରିପକେଇବୁ, ହାଁ ! ବେଶି ସିଆଣା ଦେଖଉଛ, ନାଇଁ ? ଯଦି କଥା ଏପଟସେପଟ କରାଅ, ତେବେ ଜାଣିଥାଅ, ତୁମ ସାମ୍ବାଦିକତା ବୃତ୍ତିରେ ଫୁଲ୍ ବିଛୁଆତି ଲଗେଇଦେବୁ, ହାଁ । ଆରେ, ଗୋଟିଏ ପାଲା ଲଗେଇଛ ନାଇଁ ? ଜାଣିରଖ, ଆମ ୟୁନିଅନର ପ୍ରତ୍ୟେକ ସାଥୀ ଧର୍ମପ୍ରମାଣେ ମହାଚାଲୁ ! ଯାନି ସ୍ୱଭାବତଃ ସର୍ବଗିଳା ! ନିଜ ନିଜର ପାଟିକୁ ସଦାବେଳେ ରଖିଥା’ନ୍ତି ଠିଆମେଲା । ଯେତେବେଳେ ଯାହା ପାଟି ଭିତରକୁ ଗଲା, ତତ୍କାଳେ ତାକୁ ଟାଉକିନା ଗିଳିଦେଇ ଉଦରସ୍ଥ କରିଦେଲେ, କାମ ସଇଲା । ଆରେ ବାବୁ, ଆଜି କ’ଣ ନୂଆ ଦେଖୁଛ ? ଦେଶସାରା ପରା ଦୁର୍ନୀତିର ଚେର ମାଡ଼ିଯାଇଛି ! ନେତାମାନେ ପରା ଡାକି ଫୁକାରି ଦୁର୍ନୀତି



କରୁଛନ୍ତି ଆଉ କରାଉଛନ୍ତି । ଅଥଚ ଆମେ ଯଦି କେଉଁଠି ଟିକିଏ କ’ଣ ହାତ ମାରିଦେଲୁ, ତେବେ ମହାଭାରତ ଅଶୁଦ୍ଧ ହୋଇଗଲା ? ଭଲା ହୋ ! ଆମମାନଙ୍କ ଦୁର୍ନୀତିଗ୍ରସ୍ତ ଚେହେରାର ପର୍ଦ୍ଦାଫାଶ ପାଇଁ ତୁମେ ଆଗୁସାର ହୋଇ ଧାଇଁଆସିଛ, ନାଇଁ ?’’

ସାମ୍ବାଦିକ ବନ୍ଧୁ ବେଶ୍ ଭଲକିନା ପରଖିପାରିଲେଯେ, ଗାଲୁଆବାବୁ ଯଥାର୍ଥରେ ଗାଲୁଆ ! ଯଦି ତାଙ୍କୁ ଏଭଳି ସିଧାସଳଖ ପ୍ରଶ୍ନ ପଚରାଯାଏ, ତେବେ ଠିକ୍ ତଥ୍ୟ ମିଳିବା ଦୁରୂହ ବ୍ୟାପାର । ଅତଏବ ଯଥାସମ୍ଭବ କୌଶଳ ପ୍ରୟୋଗ କରି ସେ ଗାଲୁଆବାବୁଙ୍କୁ କହିଲେ, ‘‘ଓହୋ ଗାଲୁଆ ବାବୁ, ମୁଁ ପା’ ମଜା କରୁଥିଲି । ଆପଣ ଖାଲି ଚିଡ଼ିଯାଉଛନ୍ତି ଯେ ! ଦୟାକରି ଟିକିଏ ଶାନ୍ତ ହେବେ କି ?’’

ଗାଲୁଆବାବୁ ପାଟି ଭିତରେ ଗଚ୍ଛିତ ଥିବା ପାନଛେପକୁ ଢୁକିନେଇ କହିଲେ, ‘‘ଆରେ ବାବୁ, ମୁଁ କିଆଁ ଚିଡ଼ିବି ? ତୁମେ ମୋତେ ଚିଡ଼ଉଛ ସିନା ! ହେଇଟି ତୁମ ପରିକା କେତେକେତେ ଅଶାନ୍ତ ମଣିଷଙ୍କୁ ମୁଁ ଶାନ୍ତ କରେଇଛି ହାଁ !’’

ସାମ୍ବାଦିକ ବନ୍ଧୁ କହିଲେ, ‘‘ହଉ ହେଲା, ମୋର ସବୁ ଭୁଲ୍ । ତାହା ମୁଁ ମାନିନେଉଛି । ହେଲେ ଗୋଟିଏ କଥା ମୁଁ ଆପଣଙ୍କୁ ପଚାରୁଛି, ଆପଣ ଆପଣଙ୍କର ଉଚ୍ଚ ପଦାଧିକାରୀମାନଙ୍କର ସର୍ବୋତ୍କୃଷ୍ଟ ଅଧସ୍ତନ ହେଲେ କିପରି ?’’ ଗାଲୁଆବାବୁ ମୁଖମଣ୍ଡଳରେ ଚେନାଏ ମୁରୁକୁନ୍ଦିଆ ହସ ଖେଳେଇ କହିଲେ, ‘‘ମଲା ମୋର, ଏଇ କଥା ! ଆମ୍ଭେ ହେଲୁ ଉଚ୍ଚପଦାଧିକାରୀ ଓରଫ ବଡ଼ ସାହେବମାନଙ୍କର ଗେଲବସରିଆ ଅଧସ୍ତନ, ବୋଲକରା ଅନୁଗତ ! ସାହେବମାନଙ୍କ ପାଖରେ ଆମ୍ଭେ ଶତପ୍ରତିଶତ ଅବୋଧ, ନିର୍ବୋଧ, ଆଶ୍ରିତ । ସେମାନେ ଯାହା କହିବେ ତାହା ଅବଶ୍ୟ ପାଳିବୁ, ଯାହା ଚାହିଁବେ ତାହା ଅବଶ୍ୟ କରିବୁ । ୟା’ ଅର୍ଥ ନୁହେଁଯେ ଆମ୍ଭର ଜମାରୁ ବୁଦ୍ଧି ଶୁଦ୍ଧି ନାହିଁ ! ଆମ୍ଭେ ଖଞ୍ଜିରେ ଖଞ୍ଜିରେ ଖଞ୍ଜଣି ବଜେଇଦେଉ । କଇଁଛ ଯେମନ୍ତ ପ୍ରକାରେ ମୁଣ୍ଡଟିକୁ ଦେହ ଭିତରେ ଲୁଚେଇ ରଖିଥାଏ, ଆବଶ୍ୟକସ୍ଥଳେ ପଦାକୁ ବାହାର କରେ, ସେମନ୍ତ ପ୍ରକାରେ ଆମ୍ଭେ ହେଲୁ ବିଚକ୍ଷଣ ସ୍ୱଭାବର ମଣିଷ ! ହିଁ ହିଁ ହିଁ !’’

ସାମ୍ବାଦିକ ବନ୍ଧୁ ଏଥର ଦମ୍ଭ ନେଇ ପ୍ରଶ୍ନ କଲେ, ‘‘ତେବେ ଆପଣ ଜଣେ ସୁପରଡୁପର ଅପର୍ଚ୍ୟୁନିଷ୍ଟ, ଆଇମିନ୍ ପରମ ସୁବିଧାବାଦୀ ?’’

ଘାଇଲା (ଆଘାତ ଯୋଗୁଁ କାତର) ଜାଣେ କି ବିନ୍ଧିଲା ଯାନି ବିନ୍ଧିବା ଲୋକ (ଯେ ଆଘାତ କରିଥାନ୍ତି) ଜାଣେ ନ୍ୟାୟରେ ଏମନ୍ତ ଡାଇରେକ୍ଟ ହିଟ୍ ପ୍ରଶ୍ନ ଶ୍ରବଣାନ୍ତେ ଗାଲୁଆବାବୁ କିଛିକ୍ଷଣ ବାକ୍‌ଶୂନ୍ୟ ହୋଇ ବଲବଲ କେବଳ ଅନେଇ ରହିଥିଲେ ସାମ୍ବାଦିକ ବନ୍ଧୁଙ୍କ ମୁହଁକୁ । ଆଃ, ବିଚରା !

**ଡୁପ୍ଲେକ୍ସ: ୧୦(ବି), ବୀମା ବିହାର, ମର୍କତନଗର, ସେକ୍ଟର-୬, କଟକ**

---

# ‘ଛ’ମାଣ ଆଠଗୁଣ୍ଠ’ ଆଧାରିତ ଲେଖା ଉଚ୍ଚକୋଟୀର




**ମହାଶୟ,**

✲ ଜାନୁୟାରୀ ୨୨- ଫେବୃୟାରୀ-୪,୨୦୨୦ ସଂଖ୍ୟା ‘ସାହିତ୍ୟାୟାନ’ ବେଶ୍ ସମୃଦ୍ଧ, ଉତ୍ସାହପ୍ରଦ, ପ୍ରଭାବସଂପନ୍ନ ମନେହୁଏ । ସ୍ମିତା ନାୟକଙ୍କ ଦୁଇଟି ମିନିଗଳ୍ପ- ‘ଛେଳି’, ‘ବିରାଡ଼ି ଓ ଈଶ୍ୱର’ ଆମୋଦଦାୟକ ଥିଲା । ଅରୁଣ ମିଶ୍ରଙ୍କ ‘ଶବରୀ’, ବିଶେଷ ଗଳ୍ପ ‘ଲୁହର ପରିଭାଷା’, ଅନୁବାଦ ଗଳ୍ପ ‘ଆଶ୍ରୟ’, ଅବଲୋକନରେ ‘ଛ’ମାଣ ଆଠଗୁଣ୍ଠ’ ଆଧାରିତ ଲେଖା ଓ ଗୀତି-କବିତା ‘ତୋର ମୋର ଯଦି...’ ବେଶ୍ ଉଚ୍ଚକୋଟୀର, ହୃଦୟସ୍ପର୍ଶୀ ହୋଇପାରିଛି । ଅଣୁଗଳ୍ପ ଭଲ ଲାଗିଲା । ଓଡ଼ିଶାର ସାହିତ୍ୟସମାଜ, ସାହିତ୍ୟାନୁରାଗୀଙ୍କ ପାଇଁ ‘ସାହିତ୍ୟାୟନ’ ବେଶ୍ ପ୍ରଭାବଶାଳୀ ।

**- ମନୋରଞ୍ଜନ ସ୍ୱାଇଁ, ତମାଣ୍ଡୋ, ଭୁବନେଶ୍ୱର**

✲ ବରଷର ପ୍ରଥମ ‘ସାହିତ୍ୟାୟନ’ ପାଇଲା ବେଳକୁ ସେଦିନ ‘ଭାରତବନ୍ଦ’, ଅଫିସ୍ ଛୁଟି । ଭଲ ହେଲା ସାଙ୍ଗେ ସାଙ୍ଗେ ପଢ଼ିହେବ । ପ୍ରଚ୍ଛଦରେ ଥିଲା ‘‘ପଡୁଛି ବରଫ ବଢୁଛି ଶୀତ,/ଦୁଇ ପକ୍ଷୀ ଡାଳେ ଗାଆନ୍ତି ଗୀତ/ ସ୍ୱାଗତ କରନ୍ତି ଟୋଣ୍ଟି ଟୋଣ୍ଟି କି,/ଗଛକୁ ଆଉଜି ଶୁଣୁଛି ମଙ୍କି । ଅନୁବାଦ ଗଳ୍ପ ‘ଉତ୍ସବ’ ନିରୁତ୍ସାହିତ କଲା ସାମ୍ବାଦିକଙ୍କ ପ୍ରଚାରସର୍ବସ୍ୱ ମନୋଭାବ ଯୋଗୁ । କବି ମନମୋହନଙ୍କୁ ପ୍ରଦକ୍ଷିଣ କଲା ପରେ ଆଖି ଲୁହରେ ଭରିଗଲା କାହିଁକି ରତ୍ନମାନେ ଅବେଳରେ ଝଡ଼ି ପଡ଼ନ୍ତି ବୋଲି ? ରଜନୀ ବାବୁଙ୍କ ଦୁଇଟି ଗପ ସଭ୍ୟ ସମାଜକୁ ଦୁଇ ଚାପୁଡା, ଜୀବନଚଳନ । ସାଥୀ ଓ ବ୍ୟାୟମ ପାଇଁ ‘ନାଚସାଥୀ’ ଉପରକୁ ଭଲ ହେଲେ ମଧ୍ୟ ଭିତରେ ବେଶ୍ କରୁଣ । ମନୋରଞ୍ଜନ ବାବୁ ‘ବୋଉ’, ‘ପାଖେପାଖେ ଥାଆଲୋ ବୋଉ’ ସୃଷ୍ଟି କରି ବାତ୍ସଲ୍ୟ ମମତାକୁ ଋଦ୍ଧିମନ୍ତ କରିଛନ୍ତି । କବିତା ପୃଷ୍ଠା ଭଲ ଲାଗିଲା । ଗଳ୍ପ ‘‘ଯା’ ଯା’ ନେଇଯା’’ ବୁଝିହେଲାନି ଜମା । ଫଟାକାନ୍ଥ ଓ ସାପବାଡିର ଶବ୍ଦ ବିଜ୍ଞାନୀ ସୁରେଶ ବାବୁଙ୍କ ସାହିତ୍ୟ କ୍ଷେତ୍ରରେ ରେସ୍‌ର ଶେଷ ନ ହେଉ । ‘ପୁସ୍ତକ ପରିଚୟ’ ବଜାରରେ ଏଥର ୧୦୦ ଟଙ୍କାରେ ମାଲ୍ ନାହିଁ । ୧୫୦-୧୮୦, ୨୦୦-୩୦୦ଟଙ୍କା ଦାମ୍‌ର ବହି ‘ସାହିତ୍ୟାୟନ’ ମାଧ୍ୟମରେ ଏମିତି ଅଜାଡ଼ି ଦିଅନ୍ତୁ, ସାରାବର୍ଷ ସାହିତ୍ୟରେ ସପ୍ତବର୍ଣ୍ଣ ଫସଲ ।

**-ସୁସ୍ମିତା ପୁରୋହିତ, ସଦେଇପାଲି, ନୂଆ କଲୋନୀ, ବୁର୍ଲା ସମ୍ବଲପୁର ଓଡ଼ିଶା**

✲ ୮ ଜାନୁୟାରୀ ୨୦୨୦ ସକାଳେ ମୋର ହସ୍ତଗତ ହେଲା ‘ସାହିତ୍ୟାୟନ’ । ରାଜ୍ୟର ଚାରିକୋଟି ଲୋକଙ୍କର ଅତି ପ୍ରିୟ ଉଚ୍ଚମାନର ସାହିତ୍ୟ ପତ୍ରିକା ‘ସାହିତ୍ୟାୟନ’ । ଓଡ଼ିଆ ଭାଷା ସାହିତ୍ୟର ସ୍ୱାଭିମାନ ରକ୍ଷା କରିଚାଲିଛି ‘ସାହିତ୍ୟାୟନ’ ପତ୍ରିକା । ସମ୍ପାଦନା ମଣ୍ଡଳୀଙ୍କର ନିଷ୍ପତ୍ତିକ୍ରମେ ପ୍ରକାଶିତ ହେଉଥିବା ସମସ୍ତ ସାରସ୍ୱତ କୃତି ସୁନିର୍ବାଚିତ ଓ ହୃଦୟସ୍ପର୍ଶୀ, ପୂର୍ବଥର ପରି ଏଥର ବି । ପ୍ରକାଶିତ ସମସ୍ତ କବିତା ପଢ଼ିବା ପରେ ଏତିକି ଜାଣିପାରିଲି ଯେ, ସବୁ କବି ଭାବରାଜ୍ୟର ଜଣେ ଜଣେ ସମ୍ରାଟ୍ । ପ୍ରତ୍ୟେକ କବିତାରେ ମିଠାମହୁ ଭରି ରହିଛି । କିନ୍ତୁ ଏଥିରେ ସମାଜରେ ଜାଗରଣ ସୃଷ୍ଟି କଲାଭଳି ଭାବନା ନାହିଁ । ‘‘ଯା’ ଯା’ରେ ନେଇଯା’’ ଗପଟି ଏଥର ‘ସାହିତ୍ୟାୟନ’ର ସର୍ବଶ୍ରେଷ୍ଠ ଗପ । ଜଣେ ଅବସରପ୍ରାପ୍ତ ଯବାନଙ୍କ ଦେଶ ଭାବନାକୁ ଏବଂ ତାଙ୍କର ବୀରତ୍ୱକୁ ଗାଳ୍ପିକ ହୃଦୟଗ୍ରାହୀ ଭାଷାରେ ବର୍ଣ୍ଣନା କରି ପାଠିକାପାଠକଙ୍କ ହୃଦୟତନ୍ତ୍ରୀକୁ ଥରାଇଦେବାରେ ସମର୍ଥ ହୋଇଛନ୍ତି । ମନମୋହନ ଦାଶଙ୍କ କବିତାରେ ଆଙ୍ଗିକ ସୌନ୍ଦର୍ଯ୍ୟ ଭଲ, ଅତି ଭଲ । ତାଙ୍କରି ମତରେ ଅନେକ ଶବ୍ଦ ଲେଖାଯାଏ ନୀରବତାର ଚୋରାବାଲିରେ । ‘ନାଚସାଥୀ’ ଏକ ବଡ଼ ଗପ । ଗପଟି ବି ମୋତେ ସେତେ ଭଲ ଲାଗିଲାନି, ଯଦିଓ ଏହା ମନ୍ଦ ନୁହେଁ । ବର୍ଣ୍ଣନାଶୈଳୀ ଚମତ୍କାର । ଗପଟି ଯୁକ୍ତରାଷ୍ଟ୍ର ଆମେରିକାରୁ ଆସିଛି ପଢ଼ି ଭାରି ଆନନ୍ଦ ପ୍ରକାଶ କଲି । ସୁରେଶ ନାୟକଙ୍କର ସାରସ୍ୱତ ପ୍ରତିଭାକୁ ପ୍ରଶଂସା ନ କରି ରହିପାରୁ ନାହିଁ । ‘ସାହିତ୍ୟାୟନ’ର ଉଜ୍ଜ୍ୱଳ ଭବିଷ୍ୟତ କାମନା କରୁଛି ।

**- ରଞ୍ଜନ ମିଶ୍ର, ଶ୍ରୀରାମଚନ୍ଦ୍ରପୁର, ସତ୍ୟବାଦୀ, ପୁରୀ**

---

**ସାହିତ୍ୟାୟନ**

**ଲେଖା ପଠାଇବାର ଠିକଣା**

**ସମ୍ପାଦକ ଧରିତ୍ରୀ, ବି-୧୫, ରସୁଲଗଡ଼ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦**
email: dharitrisahityayana@gmail.com

**ସାହିତ୍ୟାୟନ ପ୍ରତି ୧୫ ଦିନରେ ଥରେ ପ୍ରକାଶ ପାଏ । ମୌଳିକ ଗଳ୍ପ, କବିତା, ଅନୁବାଦ ଗଳ୍ପ, ବ୍ୟଙ୍ଗ ଓ ଲଳିତ ନିବନ୍ଧକୁ ପ୍ରାଧାନ୍ୟ ଦିଆଯାଏ। ପ୍ରଥମ ପ୍ରକାଶିତ ପୁସ୍ତକ/ଲେଖାକୁ ନେଇ ବିଶେଷ ଅନୁଭୂତି, ଭାରତୀୟ ଓ ବିଶ୍ୱ ସାହିତ୍ୟ ଉପରେ ଆଧାରିତ ଲେଖା ସ୍ଥାନିତ ହୁଏ। ଆଗ୍ରହୀ ଲେଖିକା/ଲେଖକ ନିମ୍ନ ଠିକଣାରେ ଲେଖା ପଠାଇପାରିବେ। ଜେରକ୍ସ କପି ଗ୍ରହଣୀୟ ନୁହେଁ। ପୂରା ଠିକଣା ଓ ମୋବାଇଲ ନମ୍ବର ଦେବାକୁ ଅନୁରୋଧ।**

Printed and published by Tathagata Satpathy on behalf of Samajbadi Society and printed at Navajat Printers, B-15, Industrial Estate, Rasulgarh, Bhubaneswar-10 ସମ୍ପାଦକ: ତଥାଗତ ସତପଥୀ



# ଜାତିଭେଦ

ମୂଳ ହିନ୍ଦୀ: ଦୀନେଶ ପାଲୀୱାଲ୍
ଓଡ଼ିଆ ରୂପାନ୍ତର: ଶରତ କୁମାର ରାଉତ

ଜୋର୍ ହୋହଲ୍ଲାରେ ମୋ' ନିଦ ଭାଙ୍ଗିଗଲା। ବିଛଣା ଉପରେ ପଡ଼ି ରହିପାରିଲି ନାହିଁ। ଘରୁ ବାହାରକୁ ଆସି ଦେଖିଲି, ସମସ୍ତେ ଝିଙ୍ଗନ୍ ପାସି ଘର ଆଡ଼କୁ ଚାଲିଛନ୍ତି। ଝିଙ୍ଗନ୍ ପାସି ଝଡ଼ାଫୁଙ୍କା ଦ୍ୱାରା ଭୂତପ୍ରେତ ଓ ଅନ୍ୟ ଭୌତିକ କାରଣ ପାଇଁ ଚେତନାହୀନ ମଣିଷମାନଙ୍କୁ ଆରୋଗ୍ୟ କରୁଥିଲା। ସକାଳୁ ସନ୍ଧ୍ୟା ପର୍ଯ୍ୟନ୍ତ ତା' ଘରେ ମୁଖ୍ୟତଃ ଝିଅ ବୋହୂଙ୍କ ଭିଡ଼ ଲାଗେ। ଏଣ୍ଟୁତେଣ୍ଟୁ ଗପୁଥିବା, ମୁଣ୍ଡ ହଲାଉଥିବା, କପଡ଼ା ଫାଡୁଥିବା, ଲଙ୍ଗଳା ହୋଇ ପଡୁଥିବା, ଭୂତପ୍ରେତଙ୍କ ଭଳି ଆତଙ୍କ କରୁଥିବା, ମୃତ ବ୍ୟକ୍ତିଙ୍କ ନିଜସ୍ୱ କଥାଗୁଡ଼ା କହୁଥିବା ମହିଳାମାନଙ୍କୁ ସେ ଲାଠି ବା ହାତରେ ଜୋର୍‌ରେ ପିଟେ। ଲୁହାରଡ଼ ନିଆଁରେ ଗରମ କରି ସେମାନଙ୍କ ଦେହରେ ଗେଞ୍ଜେ। ଏଥିରୁ ଝିଙ୍ଗନ୍‌ର ଖୁବ୍ ରୋଜଗାର ହୁଏ। ସେ ଗୋଟିଏ ଭଲ ମଜଭୁତ କୋଠାଘର ତିଆରି କରି ନେଇଥିଲା। ଘର ସାମ୍ନାରେ ବହୁତ ବଡ଼ ଅଗଣା ଥିଲା। ସେଠାରେ ଥିବା ବରଗଛ ତଳେ ସର୍ବଦା ଲୋକଙ୍କ ଭିଡ଼ ଲାଗିରହେ।

ଆମ ସ୍କୁଲରେ ବିଜ୍ଞାନ ଓ ଗଣିତ ପଢ଼ାଉଥିବା ଶିକ୍ଷକ ପ୍ରେମ ପାଲ୍‌ଙ୍କୁ ଝିଙ୍ଗନ୍‌ର ଅଗଣାରେ ଦେଖି ଆଶ୍ଚର୍ଯ୍ୟ ହେଲି। 'କଣ ହୋଇଛି ସାର୍?'

''ଝିଅ କମଳାକୁ ଡାହାଣୀ ଲାଗିଛି! ଏଣ୍ଟୁତେଣ୍ଟୁ ଗପୁଛି! ଚିକିତ୍ସା ପାଇଁ ଝିଙ୍ଗନ୍ ପାଖକୁ ଆଣିଛି!...''

''ସାଇନ୍ସ ଟିଚର ହୋଇ ବି ଏସବୁ ଉପରେ ଆପଣ ବିଶ୍ୱାସ ରଖୁଛନ୍ତି?'' ମୁଁ କହିବା ସଙ୍ଗେସଙ୍ଗେ ସେ କହିଲେ, ''ଏପର୍ଯ୍ୟନ୍ତ ବିଶ୍ୱାସ ରଖୁ ନ ଥିଲି। କିନ୍ତୁ ଝିଅର ଅବସ୍ଥା ଏଠିକୁ ଆସିବା ପାଇଁ ମୋତେ ବାଧ୍ୟ କଲା। ସହରର ଜଣେ ଡାକ୍ତରଙ୍କ ପାଖରେ ଦୁଇବର୍ଷ ପର୍ଯ୍ୟନ୍ତ ଚିକିତ୍ସା କରିବା ସତ୍ତ୍ୱେ ସୁଫଳ ମିଳିଲା ନାହିଁ। ଏଣୁ ଝିଙ୍ଗନ୍ ପାଖକୁ ଆସିବାକୁ ପଡ଼ିଲା।''

କମଳା ସେଇଠି ମାଟି ଉପରେ ପଡ଼ିଥିଲା।

''ଇଏ ହୋହଲ୍ଲା ଆଉ କରୁଣ ସ୍ୱର କାହିଁକି?'' ମୁଁ ପଚାରିଲି।

''କିଛି ସମୟ ପୂର୍ବରୁ ଝିଙ୍ଗନ୍ ପାସି ଲୁହାରଡ୍ ଗରମ କରି ମୋ ଝିଅର ଚିକିତ୍ସା କରୁଥିଲେ। ତାଙ୍କ ପୁଅର ଶାର୍ଟ ଖୁଣ୍ଟ ଉପରେ ଟଙ୍ଗା ହୋଇଥିଲା, ସେ ଚିକିତ୍ସାରେ ଝିଙ୍ଗନ୍‌କୁ ସାହାଯ୍ୟ କରୁଥିଲା। ଗାଆଁର ସବୁ ସ୍ତ୍ରୀଲୋକ ଓ ଝିଅମାନେ ସେଠାରେ ଛିଡ଼ା ହୋଇ ଦେଖୁଥିଲେ। କେହି ଜଣେ ଝିଙ୍ଗନ୍ ପୁଅ ଶାର୍ଟ ପକେଟରୁ ୫୦ ଟଙ୍କା ନେଇଯାଇଛି। ଝିଙ୍ଗନ୍‌ର ସ୍ତ୍ରୀ ଚୁଲାରେ ରାଇତେଲ ଗରମ କଲା। ଝିଙ୍ଗନ୍ ପାସି ଭାବିଲା, ଏମାନଙ୍କ ଭିତରେ ହିଁ କେହି ଚୋର! ସେ ସମସ୍ତଙ୍କୁ ଗରମ ତେଲରେ ହାତ ବୁଡ଼ାଇବାକୁ ନିର୍ଦ୍ଦେଶ ଦେଲା ଓ କହିଲା, 'ଯିଏ ଚୋର ହୋଇଥିବ, ତା' ହାତ ପୋଡ଼ିଯିବ। ଅନ୍ୟମାନଙ୍କର କିଛି ହେବନି।' କିନ୍ତୁ ସମସ୍ତଙ୍କ ହାତ ଜଳିଗଲା, କେତେକଙ୍କର ହାଡ଼ ବି ବାହାରକୁ ଦେଖାଗଲା। ଏହି ଯନ୍ତ୍ରଣାରେ ସମସ୍ତେ ଛଟପଟ ହେଉଛନ୍ତି।''

'ବାପ୍‌ରେ ବାପ୍, ଏତେସବୁ ଘଟଣା ଘଟିଗଲାଣି, ହେଲେ ଲୋକେ ଚୁପ୍?' ମୁଁ ଆଶ୍ଚର୍ଯ୍ୟ ହେଲି।

''ସମସ୍ତେ ଝିଙ୍ଗନ୍‌କୁ ଡରନ୍ତି। ସେ ମୃତ୍ୟୁ ମନ୍ତ୍ର ଜାଣେ, ବାଣ ପେଶେ, ପୁଡ଼ିଆରେ ଔଷଦ ଖୁଆଇ ଶତ୍ରୁକୁ ଘୁମେଇ ଘୁମେଇ ମାରେ। ବହୁତ ଗୁଣି ଜାଣିଛି।'' ପ୍ରେମ ପାଲ୍ କହିଲେ।

''ମତେ ମାରୁ ତ ତା' ବାଣ, ଖୁଆଉ ତ ତା' ଔଷଧ!... ଥାନାରେ ମୁଁ ୟା' ବିରୋଧରେ ଏତଲା ଦେବି...'' ମୁଁ ରାଗିକି କହିଲି।

ଏକଥା ଶୁଣି ଗାଁର କେତେ ଜଣ ମୋ' ପାଖରେ ଜମା ହୋଇଗଲେ। କେହି ଜଣେ କହିଲା, ''ଥାନା ଅଫିସର୍ ସ୍ତ୍ରୀର ଚିକିତ୍ସା ବି ଏହି ଝିଙ୍ଗନ୍ ପାସି କରୁଛି। ହୁଏତ ସେ ଆପଣଙ୍କ ଅଭିଯୋଗ ଗ୍ରହଣ କରିବ ନାହିଁ।''

''ଥାନାବାବୁ ଶୁଣିବନି ତ, ସହର ପଳେଇବି। ଗୋଟିଏ ଖବରକାଗଜରେ ମୋର ଜଣେ ସାଙ୍ଗ କାମ କରୁଛି। ତା' ସାହାଯ୍ୟରେ ଝିଙ୍ଗନ୍‌ର ଫଟୋ ସହ ସମ୍ବାଦ ଛପାଇବି। ପୁଲିସ୍ ଉଚ୍ଚ କର୍ତ୍ତୃପକ୍ଷଙ୍କୁ ସାକ୍ଷାତ୍ କରିବି। ତା' କୁକର୍ମ ପାଇଁ ଦଣ୍ଡ ସେ ନିଶ୍ଚୟ ପାଇବ। କୁମାରୀ ଝିଅମାନଙ୍କ ବିବାହ କେମିତି ହେବ? ହାତର ହାଡ଼ ବି ବାହାରି ଯାଇଛି। ସ୍ତ୍ରୀଲୋକେ ଘର କାମ କରିବେ କେମିତି? ଇୟେ ଆତତାୟୀକୁ ଦଣ୍ଡ ମିଳିବା ହିଁ ଉଚିତ।...''

ଗାଁର ଶିକ୍ଷିତ ଓ ସଚେତନଶୀଳ ଲୋକେ ମୋ' ସହ ଥାନା ପର୍ଯ୍ୟନ୍ତ ଚାଲିଲେ। ଅନ୍ଧବିଶ୍ୱାସର ଘେର ଭିତରେ ଜୀବନ ବିତାଉଥିବା ସତ୍ତ୍ୱେ ଏହି ଲୋକମାନେ ଅନ୍ୟାୟ କାର୍ଯ୍ୟକୁ ପ୍ରତିରୋଧ କରୁଥିବା ଅନୁଭବ କରି ଖୁସି ଲାଗିଲା।

ଜଣେ ପଚାରିଲା, ''ବାବୁ, ସତରେ କ'ଣ ଝିଙ୍ଗନ୍ ପାସିକୁ ଦଣ୍ଡ ମିଳିବ?''

''ଯଦି ଆପଣମାନେ ମୋ' ସହ କମର ଭିଡ଼ିବେ, ତେବେ ନିଶ୍ଚୟ ସେ ଦଣ୍ଡ ପାଇବ।'' ମୁଁ ଜୋର ଦେଇ କହିଲି।

ଲୋକଙ୍କ ସାହସ ବଢ଼ିଲା। ସମସ୍ତଙ୍କ ଆଖିରେ ବିଶ୍ୱାସର ଝଲକ। ପ୍ରାୟ ସବୁ ଲୋକଙ୍କ ଝିଅ ବା ବୋହୂଙ୍କର ହାତ ପୋଡ଼ିଥିବାରୁ ସମସ୍ତେ ଝିଙ୍ଗନ୍‌ର ଦଣ୍ଡ ଚାହୁଁଥିଲେ। ପୁଣି ଝିଙ୍ଗନ୍‌ର ମୃତ୍ୟୁ ମନ୍ତ୍ର କଥା ଖିଆଲରେ ଆଣି ସମସ୍ତେ ଭୟରେ ଥରି ଉଠୁଥିଲେ।

ଥାନା ଅଫିସର୍ ଓଲଟା ମତେ ଧମକ ଦେଲା। ''ଆରେ ଛତରା, ଝିଙ୍ଗନ୍ ବିରୋଧରେ ଏତଲା ଦେବାକୁ ଆସିଛୁ, ତତେ ଲାଜ ନାହିଁ କି ଡର ନାହିଁ? ସେ ମୃତ୍ୟୁ ମନ୍ତ୍ରରେ ତତେ ଭସ୍ମ କରିଦେଇପାରେ ବୋଲି ତୁ ଜାଣିନୁ?...''

''ପ୍ଲିଜ୍ ସାର୍, ମୋ' ରିପୋର୍ଟ ଗ୍ରହଣ କରନ୍ତୁ, ଝିଙ୍ଗନ୍‌କୁ ଦଣ୍ଡ ମିଳିବା ଉଚିତ।''

''ଦେଖ୍, ଆଇନ କାହାର ଧର୍ମକର୍ମରେ ବିରୋଧ କରେନାହିଁ। ଝିଙ୍ଗନ୍ ପାସି କୋଉ ଯୁଗରୁ ଏସବୁ କରିଆସୁଛି।...''

''ଆପଣ ରିପୋର୍ଟ ଗ୍ରହଣ କରିବେନି ତ ମୁଁ ସହର ଯାଇ ଆପଣଙ୍କ ଉଚ୍ଚ ଅଫିସରଙ୍କୁ ଭେଟିବି। ଖବରକାଗଜରେ ଏକଥା ଛାପି ସରକାରଙ୍କ ଦୃଷ୍ଟିକୁ ଆଣିବି। ଆପଣଙ୍କର ମଧ୍ୟ ଅସୁବିଧା ହୋଇପାରେ।'' ମୁଁ ଖୁବ୍ ଦମ୍ଭରେ କହିବା ପରେ ସେ ମୋ' ଉପରେ କମ୍ପି ଉଠିଲା, ''ଯଦିଓ ମୁଁ ଏଇନେ ତତେ ଏଠାରେ ବନ୍ଦ କରି ରଖେ?...''

ଗାଁ ଲୋକେ ଏକ ସ୍ୱରରେ ଚିଲେଇ ଉଠିଲେ, ''ଆମେ ଏଠାରେ ଧାରଣାରେ ବସିବୁ, ଥାନା ଘେରାଉ କରିବୁ। ବଡ଼ ଅଫିସରଙ୍କ ପାଖରେ ଆପଣଙ୍କ ବେଆଇନ କାମ ବିଷୟରେ ଅଭିଯୋଗ କରିବୁ। ଆପଣ ଆମକୁ କ'ଣ ଭାବୁଛନ୍ତି କି? ଆମ ଝିଅ, ବୋହୂଙ୍କ ହାତ ପୋଡ଼ିଗଲା, ଆଉ ପୋଲିସ୍ ହାତ ଉପରେ ହାତ ପକେଇ ବସି ରହିବ? ଆମକୁ ଡରେଇବ?...''

ଅନିୟନ୍ତ୍ରିତ ଅବସ୍ଥା ଦେଖି ଥାନାବାବୁ ଅଭିଯୋଗ ଗ୍ରହଣ କଲେ। ସମସ୍ତଙ୍କର ଡାକ୍ତରୀ ପରୀକ୍ଷା ମଧ୍ୟ କରାଗଲା। ଡାକ୍ତରୀ ପରୀକ୍ଷା ରିପୋର୍ଟର ସହି ନକଲ ସଂଗ୍ରହ କରି ଖବରକାଗଜ ପାଇଁ ଡାଟା ପ୍ରସ୍ତୁତ କଲି। ଏବେ ଥାନାବାବୁ କାର୍ଯ୍ୟାନୁଷ୍ଠାନ ପାଇଁ ପ୍ରସ୍ତୁତ ହୋଇଗଲେ। ଝିଙ୍ଗନ୍ ପାସି ବିରୋଧରେ ପୋଲିସ୍ ପାଖରେ ଅଭିଯୋଗ ହେବା ଏହା ପ୍ରଥମ ଥିଲା।

ପ୍ରେମ ପାଲ୍‌ଙ୍କ ଝିଅର ଚେତା ଆସି ଯାଇଥିଲା। ସେ ମୋ' ପାଖକୁ ଆସି କହିଲା, ''ଆପଣଙ୍କୁ ଗୋଟିଏ ଜରୁରୀ କଥା କହିବାର ଅଛି, ସାର୍...'' ସେ ମତେ କିଛିଦୂର ଡାକିନେଲା। ''ଆପଣ ମୋ' ବାପାଙ୍କ ସହ ଗୋଟିଏ ସ୍କୁଲ୍‌ରେ ଶିକ୍ଷକ ଅଛନ୍ତି, ଏଣୁ କହିବାକୁ ସାହସ କରୁଛି...''

''ନିର୍ଭୟରେ କୁହ।'' ମୁଁ ଶ୍ରଦ୍ଧାରେ କହିଲି।

''ମୋତେ ଭୂତପ୍ରେତ ଲାଗିନି କି କୌଣସି ରୋଗ ହୋଇନି! ବାପା ମୋତେ ବେକାର ଝିଙ୍ଗନ୍ ଦ୍ୱାରା ଦଣ୍ଡ ଦେଉଛନ୍ତି! ସତକଥା ହେଲା, ଆମର ଜଣେ ପଡ଼ୋଶୀ ଯୁବକକୁ ମୁଁ ଭଲପାଉଛି। ତାକୁ ବାହାହେବାକୁ ଚାହୁଁଛି। କିନ୍ତୁ ବାପା ଏଥିରେ ରାଜି ନୁହନ୍ତି। କାରଣ ସିଏ ଆମ ଜାତିର ନୁହେଁ। ସେ ଧନଶାଳୀ ଓ ଶକ୍ତିଶାଳୀ ହୋଇଥିବାରୁ ବାପା ସେମାନଙ୍କର କିଛି କରିପାରିବେ ନାହିଁ। ଏଣୁ ସବୁଆଡ଼େ ବୁଲି ମୋ' ଭିତରୁ ପ୍ରେତାତ୍ମା ଛଡ଼େଇବା ବାହାନାରେ ମୋ' ମନକୁ ଭ୍ରମ କରେଇବାକୁ ଚେଷ୍ଟା କରୁଛନ୍ତି! ଦେଖନ୍ତୁ, ଝିଙ୍ଗନ୍ ମୋ' ପିଠିରେ ଗରମ ଲୁହାରଡ୍ ଗେଞ୍ଜି ଲହୁଲୁହାଣ କରିଦେଇଛି। ତାକୁ ଏହାର ଦଣ୍ଡ ମିଳିବା ଉଚିତ।''

''ସେ ଯୁବକ ତୋ ସହ ବାହାହେବାକୁ ରାଜି?'' ମୁଁ ପଚାରିଲି।

''ହଁ, ତାଙ୍କ ଘରଲୋକେ ମଧ୍ୟ ମୋତେ ବୋହୂ ଭାବେ ସ୍ୱୀକାର କରିବାକୁ ରାଜି। କେବଳ ମୋ' ବାପା, ମା' ଜାତିଭେଦ ପାଇଁ ରାଜି ନୁହନ୍ତି। ଯଦି ସେ ଯୁବକ ସହ ବିବାହ ନ ହେବ, ତେବେ ଆତ୍ମହତ୍ୟା କରିବି। ଝିଙ୍ଗନ୍‌ର ଦଣ୍ଡ ବି ଆଉ ସହିପାରୁନି।'' ସେ ନିର୍ଭୟରେ ତା' ଅନ୍ତରର କଥା କହିଲା।

''ଏପର୍ଯ୍ୟନ୍ତ ଆତ୍ମହତ୍ୟା କରିନୁ କାହିଁକି?'' ମୁଁ ହସିହସି କହିଲି।

''ଟିକିଏ ଆଶା-ଭରସାର ଅପେକ୍ଷାରେ ଅଛି, କାଳେ ବାପା ବଦଳିଯିବେ। ସତରେ ମୁଁ ସେ ଯୁବକକୁ ବହୁତ ଭଲପାଏ। ଏଣୁ ତା' ସହ ଥରେ ମାତ୍ର ଭେଟିବାର ଆଶା ମତେ ଏପର୍ଯ୍ୟନ୍ତ ଆତ୍ମହତ୍ୟାରୁ ନିବୃତ୍ତ କରି ରଖିଛି।''

ଝିଅଟିର ସ୍ୱଷ୍ଟ କଥାରେ ମତେ ଖୁସି ଲାଗିଲା। ପ୍ରେମ ପାଲ୍ ପାଖରେ ପହଞ୍ଚିଲି। ନିରୋଳା ସ୍ଥାନକୁ ଡାକିନେଇ ବୁଝାଇଲି, ''ସତ କୁହ, ଝିଅର କ'ଣ ହୋଇଛି? ପ୍ରେମ ବିଷୟ ନା? ଦେଖ, ଝିଅର ସେଇ ପୁଅ ସହ ବାହାଘର କରିଦିଅ। ଏକଦମ୍ ଠିକ୍ ହେବ।''

''କିପରି କରିବି? ସେ ଆମ ଜାତିର ନୁହଁ! ଜ୍ଞାତି, ଆତ୍ମୀୟମାନେ ବିରୋଧ କରିବେ।...''

ଅବଶେଷରେ ପ୍ରେମ ପାଲ୍ ରାଜି ହୋଇଗଲେ। ଏକଥା ଜାଣି ଝିଅଟି ଖୁବ୍ ଖୁସିରେ ମୋ' ଚରଣ ସ୍ପର୍ଶ କଲା। ଝିଙ୍ଗନ୍ ଦ୍ୱାରା ପିଠିର ଆଘାତକୁ ବି ସେ ଏଇ ଖୁସିରେ ଭୁଲିଗଲା।

ମୁଁ ତାକୁ କହିଲି, ''ତୁ ବ୍ରାହ୍ମଣ ହୋଇ ମୋ' ପରି ଜଣେ ହରିଜନର ପାଦ ଛୁଇଁ ଭୁଲକଲୁ ଝିଅ।''

''ନା, ଭୁଲକରିନି ସାର୍! ଆପଣ ତ ଯେମିତି ମୋ' ମାଆ ପେଟର ଭାଇ ଭଳି ଲାଗୁଛନ୍ତି! ମୋର ଦୁଃଖ ଆପଣ ବୁଝିଲେ, ସାହାଯ୍ୟ କଲେ, ମୁଁ ଆପଣଙ୍କ ଠାରେ ଋଣୀ।...'' ସେ ଖୁସିରେ ମଜ୍ଜିଗଲା।

ସନ୍ଧ୍ୟା ସୁଦ୍ଧା ଝିଙ୍ଗନ୍‌କୁ ଗିରଫ କରି ନିଆଗଲା। ଥାନାବାବୁ ତା'ହାତରେ କଡ଼ି ପକାଇ ତାକୁ ଟାଣିଟାଣି ନେଇ ଯାଉଥିବା ବେଳେ ଗାଁ ଲୋକେ ତା' ଅଗଣାରେ ଛିଡ଼ା ହୋଇ ଦେଖୁଥିଲେ। ସମସ୍ତେ ଆଶ୍ଚର୍ଯ୍ୟରେ ମତେ ଚାହୁଁଥିଲେ। କାରଣ ଅତି ଅସମ୍ଭବକୁ ମୁଁ ହିଁ ସମ୍ଭବ କରେଇଥିଲି।

**– କୋରିଆପଲ୍ଲା, ପଚ୍ଚାମୁଣ୍ଡାଇ, କେନ୍ଦ୍ରାପଡ଼ା**

ସ୍ମରଣୀୟ

# ବିଲଭୋଜି

ପବିତ୍ର ପାଣିଗ୍ରାହୀ

କଥା ଥିଲା, ଆମେ ଗୋଟେ ନୂଆ ରକମର ଭୋଜି କରିବୁ। କୌଣସି ପାର୍କରେ ନୁହେଁ କି ଦର୍ଶନୀୟ ସ୍ଥାନରେ ନୁହେଁ, କାହାରି ଘରେ ନୁହେଁ କି ସମୁଦ୍ର ବେଳାଭୂମିରେ ନୁହେଁ। ଏକଦମ୍ ଗୋଟେ ନିରୋଳା ବିଲ ମଝିରେ, ଡିସେମ୍ବରର ଜାଡୁଆ ଶୀତରେ, ଆମ ସହରଠୁ ବେଶ୍ କିଛି ଦୂରରେ... ଯେତେବେଳେ ବିଲରୁ ଧାନକଟା ସରିସରି ଆସୁଥିବ, ପୁରୁଣା ବର୍ଷ ସରି ଆସୁଥିବ, ହେଲେ ନୂଆବର୍ଷର ସ୍ୱାଗତ ଆରମ୍ଭ ହେଇ ନ ଥିବ, ଜହ୍ନ ଆଲୁଅର ପତଳା ଚାଦରରେ ଢାଙ୍କି ହେଇଥିବ ପୃଥିବୀର ଖୋଲାମେଲା ଦେହ।

କଥା ଥିଲା, କେବଳ ଆମେ ଚାରିବନ୍ଧୁ– ଅଜୟବାବୁ, ବଳବାବୁ, ଦିପୁଭାଇ ଓ ମୁଁ ଏଇ ଭୋଜି ଆଳରେ କିଛି ନିରୋଳା ମୁହୂର୍ତ୍ତ ବିତେଇବୁ ଗୋଟେ ନିଆରା ଢଙ୍ଗରେ। ପିଲାଛୁଆ, ଚାକିରି, ସାହିତ୍ୟ ଆଦି ଯାବତୀୟ ସମସ୍ୟାରୁ ମୁକୁଳେଇନେବୁ ନିଜକୁ ଗୋଟେ ସଂଜରେ କାହାକୁ କିଛି ନ ଜଣେଇ। ସାଙ୍ଗରେ ନେବୁ କେବଳ ଗୋଟେ ସତରଂଜି, ବେଡ୍‌ଶିଟ୍, ଏମର୍ଜେନ୍ସି ଲାଇଟ୍, ଗୋଟେ ଷ୍ଟୋଭ୍ ଓ ସର୍ବନିମ୍ନ ରୋଷେଇ ସରଞ୍ଜାମ। ହଁ, ଆହୁରି ସାଙ୍ଗରେ ନେବୁ ଗୋଟେ ଟେପ୍‌ରେକର୍ଡର୍। ତା' ସହ କିଛି କ୍ୟାସେଟ୍, ସିଗାରେଟ୍ କେଇ ପ୍ୟାକେଟ୍, ଦିଆସିଲି, ଚା' ତିଆରି ସଜ ଆଉ ଶୀତ ସଞ୍ଜକୁ ଉଷୁମ କରିବା ପାଇଁ କିଛି ମୃଦୁ ପାନୀୟ ଏବଂ ଗ୍ଲାସ୍। ଦୁଇଟି ଟୁ-ହ୍ୱିଲରରେ ବସି ମନପବନ ଘୋଡ଼ାରେ ଉଡ଼ିଲା ପରି ଆମେ ଉଡ଼ିଯିବୁ ଜହ୍ନରେ ଗାଧୋଉଥିବା କେଉଁ ନାଁ ଅଜଣା ଜହ୍ନପଖଳା ବିଲମଝିକୁ। ରାତିଅଧକୁ ଚୁପ୍‌କିନା ଫେରିଆସିବୁ ନିଜନିଜ ନୀଡ଼କୁ, ଯେତେବେଳେ ଆମ ସହର କଡ଼ ଲେଉଟାଉଥିବ ଅଭଙ୍ଗା ନିଦରେ।

କଥା ବି ଥିଲା, ଆଗରୁ ଭୋଜି ଜାଗା ଠିକ୍ ହେବ ନାହିଁ କି କାହାରି ଆଗରେ ଏପରିକି ନିଜନିଜ ପରିବାର ଲୋକଙ୍କ ପାଖରେ କେହି କହିବୁନି ଏଇ ଅଭିନବ ଭୋଜିର ଯୋଜନା। ସମସ୍ତଙ୍କ ଅଲକ୍ଷ୍ୟରେ ଯୋଗାଡ଼ କରିନେବୁ ନିଜ ଉପରେ ଦାୟିତ୍ୱ ଦିଆଯାଇଥିବା ଜିନିଷତକ ଗୋଟେଗୋଟେ ଛୋଟ ବ୍ୟାଗ୍‌ରେ। ନିର୍ଦ୍ଦିଷ୍ଟ ଦିନ ନିର୍ଦ୍ଧାରିତ ସ୍ଥାନରେ ଯାଇ ଠିକଣାବେଳରେ ପହଞ୍ଚିଯିବୁ; ଆଖି ପିଛୁଳାକେ ସବୁ ବ୍ୟସ୍ତତା ଓ ହୋ ହଲ୍ଲାକୁ ପଛ କରି।

ସେଦିନ ଥାଏ ରବିବାର। ପଣ୍ଡୁ ପୂନେଇଁକୁ ବାକିଥାଏ ଆଉ ଜମା ଦି'ଦିନ। ନିର୍ଦ୍ଧାରିତ ସମୟରେ ଛକରେ ପହଞ୍ଚି ଯାଇଥାଉ ଆମେ ଚାରିବନ୍ଧୁ। ସାଙ୍ଗରେ ଥାଏ ଦି'ଟା ବଡ଼ ଥଳି ଆଉ ଦି'ଟା ଏୟାର୍ ବ୍ୟାଗ୍। ସମସ୍ତେ ପିନ୍ଧିଥାଉଁ ଟୋପି ଓ ସ୍ୱେଟର। ଦିପୁଭାଇ ଯୋଗାଡ଼ କରି ଆଣିଥାଏ ଦେଶୀ ଚିକେନ୍‌ର ନିରୋଳା ଲେଗ୍‌ପିସ୍। ଛକରୁ ଚା କପେ ଲେଖାଁ ପିଇ ସିଗାରେଟ୍ ଖଣ୍ଡେଖଣ୍ଡେ ଟାଣି ସହରକୁ ପଛକରି ଆମେ ଜାତୀୟ ରାଜପଥ ଧରିଲା ବେଳକୁ ଚାରିଆଡ଼େ ନେସି ହେଇଥାଏ ପିଚୁ ରଙ୍ଗର ବହଳ ଅନ୍ଧାର। ପୂର୍ବ ଦିଗଟା ଖାଲି ଯା' ସାମାନ୍ୟ ଫିକା ଦିଶୁଥାଏ ଜହ୍ନ ଉଇଁବାର କୋମଳ ପ୍ରତିଶ୍ରୁତି ବହନ କରି। ଆମେ ଜାଣି ନ ଥାଉ କୁଆଡ଼େ ଯିବୁ। ଆଗକୁ ଗଲୁ ଓ ଫେରିଲୁ। ପୁଣି ପଛକୁ ଫେରିଲୁ, ଜାଗା ପସନ୍ଦ ନ ହେବାରୁ ଡାହାଣକୁ ଗଲୁ, ପୁଣି ବାଁକୁ। କେଉଁଠି ଜାଗା ମନକୁ ପାଇଲାନି ତ, କେଉଁଠି ଜାଗା ପସନ୍ଦ ହେଲେ ବି ପାଖରେ ଘର ଥିଲା। ଆଉ ବା କେଉଁଠି ଆମ ମନ ପସନ୍ଦର ନିରୋଳା ଜାଗା ମିଳିଲା ବେଳକୁ ପରିବେଶ ଥିଲା ଅପରିଷ୍କାର।

ଶେଷରେ, ପାଇଗଲୁ ଆମେ ଖୋଜୁଥିବା ଭଳି ଜାଗାଟିଏ। ବେଶ୍ ନିରୋଳା ଓ ଶୁନ୍‌ଶାନ୍। ତରାସି ଆସୁଥିବା ଜହ୍ନର ମହଲଣ ଆଲୁଅରେ ଥାନଟି ଲାଗୁଥାଏ ଗୋଟେ ଅଜଣା କନକ ଉପତ୍ୟକା ପରି। ତଥାପି ବି ଧାନକଟା ସରି ନ ଥାଏ ଗୋଟେଗୋଟେ କିଆରିରୁ। କିଛି ବିଲରେ କଟାଧାନର କଳେଇସବୁ ଗଦା ଦିଆଯାଇଥାଏ। ଅଳ୍ପ ଦୂରରେ ଠିଆ ହୋଇଥାଆନ୍ତି କେଇଟା ଆମ୍ବଗଛ ବୋଧେ। ତା' ପାଖକୁ ବୋହି ଚାଲିଥାଏ ସାଲ୍ଲନନ୍ଦିନୀ ସାଳନ୍ଦୀର ସରୁଧାର। ଆମେ ସଭିଏଁ ଏକ ସ୍ୱରରେ ସ୍ୱୀକାର କଲୁ– ଏଇଟା ହିଁ ଠିକ୍ ଜାଗା ଆମ ସ୍ୱପ୍ନର ବିଲଭୋଜି ପାଇଁ।

ସରୁ ନାଲି ମୋରମ ରାସ୍ତାରୁ ପାଖ ବିଲ ଭିତରକୁ ମୋଟରସାଇକେଲ ଗଡ଼େଇ ଲକ୍ କଲା ପରେ ରାସ୍ତାଠୁଁ ଆମ୍ବଗଛ ମଝିଆମଝି ସଫା ଜାଗାଖଣ୍ଡେ ବାଛି ସେଇଠି ଦରି ବିଛେଇଲୁ। ଜହ୍ନ ତା' ପସରା ଖୋଲିବା ଆରମ୍ଭ କଲାଣି ସେତେବେଳକୁ। ଆମ ଦି' ପାଖରେ ଥିଲା ଫାଙ୍କା ଧାନବିଲ, ଟିକେ ଛଡ଼ାରେ ପାଚିଲା ଧାନର କ୍ଷେତ। ଆମ୍ବତୋଟାର ପତ୍ର ଗହଳରେ ଛାଇ ଆଲୁଅର ଖେଳ। କେଉଁ ପତ୍ର ସନ୍ଧିରୁ ଶୁଭୁଥିଲା ରାତ୍ରିଚର ପକ୍ଷୀର କ୍ଷୀଣ ଗୁଂଜରଣ। ଜହ୍ନ ଆଲୁଅ ତଳେ କୁହୁଡ଼ିମିଶା ଧୂଆଁଳିଆ ଶୀତୁଆ ବାତାବରଣ, ସବୁମିଶି ପରିବେଶର ନିର୍ଜନତାକୁ କରୁଥାଏ ନିଆରା ଓ ମନଲୋଭା।

ଦରି ଉପରେ ଜିନିଷସବୁ ସଜାଡ଼ି ରଖୁଥାଉଁ ମୁଁ ଓ ଦିପୁଭାଇ। ସିଗାରେଟ୍‌ରେ ନିଆଁ ଧରଉ ଧରଉ ବଳବାବୁ କହିଲେ– ଏମର୍ଜେନ୍ସି ଲାଇଟ୍‌ଟା ଜାଳିବାନି ଜମାରୁ। ଦିପୁଭାଇ କହିଲେ– ଖାଲି ଯାହା ଚିକେନ୍ ଫ୍ରାଇ ହେବ ପିଆଜକଟା ଆଉ ଗୁଣ୍ଡ ମସଲାରେ। ଅଧଘଣ୍ଟେ ପଇଁଚାଳିଶି ମିନିଟ୍‌ର କଥା। ଏବେଠୁ ଷ୍ଟୋଭ୍ କାହିଁକି ଲଗେଇବା ? ଅଜୟବାବୁ କହିଲେ– ଚା ଟିକେ କରିବା ଚାଲ ଆଗେ। ସିଗାରେଟ୍ ଟାଣୁଟାଣୁ ଆମେ ଜୋକ୍ କଲୁ। ହସିହସି ବେଦମ୍ ହେଲୁ। ବଳବାବୁ ଓ ଦିପୁଭାଇ ଆଉରି ଥରେ ଲେଖାଁ ଚା' ପିଇସାରି ସିଗାରେଟ୍ ଲଗେଇଲେ। ଅଜୟବାବୁ କିଛି ସମୟ ପରେ ପାନୀୟ ପେଗ୍ ପ୍ରସ୍ତୁତ କଲେ। ବଳବାବୁ ଟେପ୍‌ରେ କ୍ୟାସେଟ୍ ପୂରେଇ ସୁଇଚ୍ ଚିପିଲେ। ଭାସି ଆସିଲା ଗୀତ 'ନାଲି ଟୁକ୍ ଟୁକ୍ ଝିଅ, ତା'ର ପଦୁଅଁ ଫୁଲିଆ ମୁହଁ...'।

ଆମେ ଚିୟର୍ସ କରୁକରୁ ଅଜୟବାବୁ ଅଟକିଗଲେ– 'ନାଇଁ, ଆଜିର ପ୍ରଥମ ପେଗ୍ ହିଁ ଅର୍ପଣ କରାଯିବ ଖୋକା ଭାଇଙ୍କୁ।' ଏକାସାଥିରେ ଦି'ଟା ଗ୍ଲାସ୍ ଆମେ ତଳେ ଥୋଇଲୁ। ତଳେ ବିଲର ଅସମାନତା ପାଇଁ ବୋଧେ ଗୋଟେ ଗ୍ଲାସ୍ ଢଳିଯାଇ ଆରଟିରେ ବାଜିଲା, ପଡ଼ିଗଲା ଦି'ଟାଯାକ ଗ୍ଲାସ୍‌ର ପାନୀୟ ସବୁ ତଳେ। ମୁଁ ଚଟ୍ କରି କହି ପକେଇଲି 'ଦେଖିଲ, ଭାଇ କେମିତି ଗ୍ରହଣ କଲେ ଆମ ସ୍ନେହଭିଜା ଅଫର୍‌କୁ। ସେତେବେଳକୁ ଟେପ୍‌ରେ ବାଜୁଥାଏ 'ଯାଯାବର... ମନ ତା'ର... ସୀମାହୀନ ଆଶା ତା'ର...।' ଆମେ ଚୁପ୍ ହେଇଗଲୁ। ଅନ୍ୟମନସ୍କ ଭାବେ କାଗଜ ପ୍ଲେଟ୍‌ରୁ କାଜୁ ଗୋଟେ ଦି'ଟା ଲେଖାଏଁ ପାଟିରେ ପକେଇ ବସି ରହିଲୁ। ଏଇ ଗୀତ କ୍ରମଶଃ ଆମ ସମସ୍ତଙ୍କୁ ନୋଷ୍ଟାଲଜିକ୍ କରି ପକୋଉଥାଏ। ଜହ୍ନ ଆଡ଼କୁ ଚାହିଁଚାହିଁ ବଳବାବୁ କହିଲେ– 'ଏବେଠୁ ଘଡ଼ି ଦେଖିବାନି କେହି। ଏମିତି ରାତି, ଏମିତିଆ ଜହ୍ନ, ଏଇମିତି ନିରୋଳା ମୁହୂର୍ତ୍ତ ଆଉ କ'ଣ ପାଇବା କେହି କେବେ ? ପାଇବା ବେଳକୁ ଆମ ମନସବୁ ଟିକେନା ଟିକେ ବୁଢ଼ା ହେଇ ସାରିଥିବ।' ଏଥର ଆମେସବୁ ଗୀତ ସହ କ୍ରମଶଃ ଅନ୍ୟମନସ୍କ ହେବାରେ ଲାଗିଲୁ।

କେତେବେଳେ ହଠାତ୍ ଏକରକମ ଚିତ୍କାର କରି ଉଠିଲା ଦିପୁଭାଇ– ଦେଖିଲଣି, ଧଳା ବିଲେଇଟେ କେମିତି ହିଡ଼ ପାଖରେ ଶୋଇ ଗୀତ ଶୁଣୁଛି! ଆମେ ସମସ୍ତେ ଚମକିପଡ଼ିଲୁ ସତରେ। ଆଖପାଖରେ ତ ଘରଦ୍ୱାର କିଛି ନାହିଁ। କୋଉଠୁ ତେବେ ଆସିଲା ଏ ବିଲେଇ! ବଳବାବୁ ଯେତେ ହୁରୁଡ଼େଇଲେ ବି ଟିକେ ହଲିଲାନି ସିଏ। ଅଗତ୍ୟା ମୁଁ ଟେପ୍‌ର ସ୍ୱିଚ୍ ଅଫ୍ କଲି। ବିଲେଇଟି ଉଠି ଠିଆହେଲା। ପିଠି ସଳଖେଇକି ଟିକେ ଅଳସ ଭାଙ୍ଗିଲା ଓ ଦି'ଚାରି ପାହୁଣ୍ଡ ଆଗପଛ ହେଇ ପୁଣି ଶୋଇପଡ଼ିଲା ସେଇ ହିଡ଼ମୂଳରେ ପୂର୍ବଭଳି।

ଅଳ୍ପ ଫ୍ଲେମ୍‌ରେ ପ୍ରେସରକୁକର୍‌ରେ ଚିକେନ୍ ବସେଇଦେଲେ ଦିପୁଭାଇ। ଦରି ଉପରେ ଚିତ୍ ହୋଇ ଶୋଇ ଅଜୟବାବୁ କବି ପାଲଟି ଯାଉଥିଲେ। ରମାକାନ୍ତ, ସୀତାକାନ୍ତ, କମଳାକାନ୍ତ କାହାକୁ ବାଦ୍ ନ ଦେଇ ଯୋଉଠୁ ସେଇଠୁ ଧାଡ଼ିଏ ଦି' ଧାଡ଼ି ଆବୃତ୍ତି କରି ଚାଲିଥିଲେ ସେ ତନ୍ମୟ ହୋଇ। ଦିପୁଭାଇ ତ ସହଜେ କବି-ମଣିଷ, ସେ ବି ଭୁଲିଗଲେ ସବୁକିଛି। ତାଙ୍କ ନିଜ କବିତା କେତେବେଳେ ତ ଆଉ କେତେବେଳେ ଗୁରୁ ମହାନ୍ତିଙ୍କ କବିତା ଅନର୍ଗଳ ଆବୃତ୍ତି କରିଗଲେ ତାଙ୍କ ନିଜସ୍ୱ ଢଙ୍ଗରେ। ବଳବାବୁଙ୍କର ଆଉ କପେ ଚା' ପିଇବାକୁ ଇଚ୍ଛା ଥିଲେ ବି ଷ୍ଟୋଭ୍‌ରେ ବସିଥିଲା ଚିକେନ୍। ଏଣୁ ସମସ୍ତେ ଓଠରେ ଖଣ୍ଡେଖଣ୍ଡେ ସିଗ୍ରେଟ୍ ଧରେଇଲେ। ପ୍ରେସରକୁକୁର୍‌ର ପ୍ରଥମ ହ୍ୱିସିଲ୍ ବାଜିଲା।

ବଳବାବୁ ହାତରେ କୁନି ଟର୍ଚ୍ଚଟେ ଧରି ମୋତେ ଉଠେଇଲେ ଓ କହିଲେ– ଦିପୁଭାଇ ଓ ଅଜୟବାବୁ ଥାଆନ୍ତୁ, ଆସନ୍ତୁ ଯିବା ଟିକେ ନଈକୂଳକୁ। ଅଜୟବାବୁ ମନାକଲେ ଯିବାକୁ। ଦିପୁଭାଇ କହିଲା– ହଉ ଯିବ ତ ଯାଅ, ହେଲେ ଜଲ୍‌ଦି ଫେରିଆସିବ। ଥଣ୍ଡା ହେଇଗଲେ ମୋଟେ ବାଗ ଲାଗିବନି। କେଉଁଠି ଧାନବିଲ ତ କେଉଁଠି ହିଡ଼ ଧରି ଆମେ ଆଗେଇଲୁ। ଗୋଡ଼ ଛନ୍ଦି ଯାଉଥିଲା ଥୁଣ୍ଟା ଧାନଗଛର ମୂଳରେ। ପାଖରେ କଟା ନ ହେଇଥିବା ବିଲର ଧାନଶିଷା ଉପରେ ବଳବାବୁ ହାତ ବୁଲେଇ ଆଣୁଥିଲେ। ଆମକୁ ଜଣାପଡ଼ିଲାନି କେମିତି ଆମେ ଯାଇ ସେ ଆମ୍ବତୋଟା ପାଖରେ ପହଞ୍ଚିଯାଇଚୁ। ବେଶ୍ ନିସ୍ତବ୍ଧ ସେ ପରିବେଶ। ଖାଲି ଯା' ପାଣି ଓ ପବନର ଛଳଛଳ ଶବ୍ଦ ଶୁଭୁଥିଲା। ଆମ୍ବପତ୍ର ଫାଙ୍କରୁ ଆସୁଥିବା ସୋରାଏ ସୋରାଏ ଜହ୍ନ ଆଲୁଅରେ ଚାରିଆଡ଼ ଦିଶୁଥାଏ ଝୋଟି ପକେଇଲା ପରି। ମୁଁ ମୋହାବିଷ୍ଟ ହେଇଗଲି।

ଆମେ ଦୁହେଁ ସେଠି ଚୁପ୍‌ଚାପ୍ ବସିଲୁ। କେଉଁଠି ଗୋଟେ ରାତିଚଢ଼େଇ ରାବିଦେଲା। ଆମେ ଚମକିଗଲୁ। ଲାଗିଲା, ଯେମିତି ନଈର ଏଇ ମୋଡ଼ ଉପରେ ନାଆଟିଏ ଭାସିଯାଉଚି। ନାଉରୀଟି ଲହରେଇ ଲହରେଇ ଗୀତ ଗାଉଚି। ଗୀତ ପୁଣି ଶୁଭିଯାଉଚି ଖୋକାଭାଇଙ୍କ ନାଉରିଆ ଗୀତ ପରି। ବଳବାବୁ ସ୍ୱଗତୋକ୍ତି କଲେ– ସମସ୍ତେ ସିନା ମଦ ପିଅନ୍ତି, ହେଲେ ମଦ ଖୋକାଭାଇଙ୍କୁ ପିଇଗଲା ! ମୁଁ ପ୍ରତିବାଦ କରି ଉଠିଲି– "ଦେଖ, ମୁଁ କେମିତି ଯାଉଚି" କହି ସଚ୍ଚା ହିରୋଟେ ପରି ତ ସେ ଚାଲିଗଲେ। କହିଲେ ଆପଣ, କେଇଜଣଙ୍କ ଭାଗ୍ୟରେ ଏମିତି ମରଣ ଜୁଟେ! ବଳବାବୁ ହସିଲେ ଅତି କରୁଣ ହସଟିଏ। ସୁର ଧରିଲେ ଖୋକାଭାଇଙ୍କର ସେଇ ପୁରୁଣା ନାଉରିଆ ଗୀତଟିରୁ। ମୁଁ ପଛକୁ ଚାହିଁ ଦେଖିଲି ସେଠି ବି ଚୁପ୍‌ଚାପ୍ ଶୋଇଚି ସେଇ ଧଳା ବିଲେଇଟି। ମୋ ଦେହ ଶିହରି ଉଠିଲା। ଗୀତ ପାଇଁ କି ଆଉ କ'ଣ ପାଇଁ କେଜାଣି ? ଆମେ ଉଠିଲୁ ଫେରିବା ପାଇଁ।

ପହଞ୍ଚିଲା ବେଳକୁ ଦିପୁଭାଇ ଅନ୍ୟମନସ୍କ ଭାବେ ସିଗ୍ରେଟ୍ ଫୁଙ୍କୁଥିଲା ଠିକ୍ କୃଷ୍ଣଙ୍କ ବଇଁଶୀ ବଜେଇବା ପୋଜ୍‌ରେ। ଅଜୟବାବୁ ଆମକୁ ଦେଖି କହିଲେ– ଚିକେନ୍‌ଟା ଏକଦମ୍ ଫାଷ୍ଟକ୍ଲାସ ହେଇଚି। ଆମେ ଚାଖୁଥିଲୁ ଏଇ ଟିକିଏ ଆଗରୁ। ଦିପୁଭାଇ ସିଗ୍ରେଟ୍‌ଟା ଫିଙ୍ଗିଦେଇ ଆମକୁ କହିଲା– ଖାଇବ ତ ଖାଇନିଅ, ରାତି ଆସି ଦି'ଟା ବାଜିଲାଣି। ଫେରିବାକୁ ହେବ ଯେ ! ମୁଁ ବସିପଡ଼ିଲି ଅଜୟବାବୁଙ୍କ ପାଖରେ। ବଳବାବୁ ସେମିତି ଠିଆ ହେଇଥିଲେ। କେତେବେଳକେ ଭେଟେଣା ହେଲା ପରି ଡୁବନ୍ତା ଜହ୍ନକୁ ଚାହିଁ ଗାଇ ଉଠିଲେ, 'ସ୍ମୃତି ତୁମେ ଶ୍ରାବଣ ରାତିରେ ଅଦେଖା ଚଇତିଚ୍ଛୁଆଁ... ସ୍ମୃତି ତୁମେ ମୋର ଅତି ପ୍ରିୟତମ ଆହା...।' ଗୀତଟି ସରିବା ଆଗରୁ ସେ ଅଟକିଗଲେ ହଠାତ୍ ଓ ବସିପଡ଼ିଲେ ଛାତିରେ ହାତଦେଇ। ମୁଁ ଦେଖିଲି ଅଜୟବାବୁ ସୁଁ ସୁଁ ହେଇ କାନ୍ଦୁଛନ୍ତି। ଦିପୁଭାଇ ବି ଆଖି ପୋଛୁଛନ୍ତି। ମୋ' ଆଖିରେ ବି କେତେବୁନ୍ଦା ଉଷୁମ ଲୁହ ଜମାଟ ବାନ୍ଧୁଥିବାର ଅନୁଭବ କଲି।

ଦିପୁଭାଇ ନୀରବତା ଭାଙ୍ଗି କହିଲେ– ଏବେ ଫେରିବା। ବଳବାବୁ କହିଲେ– କିଛି ନ ଖାଇ ବି ପେଟ ପୂରିଗଲା ପରି ଲାଗୁଛି। ମୁଁ ଓ ଅଜୟବାବୁ ମଧ୍ୟ ସେଇଆ ଅନୁଭବ କରୁଥିଲୁ। ପ୍ରେସର୍‌କୁକର୍ ଅଜାଡ଼ି ଦେଇ ଧୁଆଧୋଇ କଲୁ ଓ ସବୁ ଜିନିଷ ଭାଙ୍ଗିଭୁଙ୍ଗି ସଜାଡ଼ି ଗାଡ଼ି ପାଖରେ ପହଞ୍ଚିଲା ବେଳକୁ ରାତି ତିନିଟା। ରାସ୍ତା ଉପରେ ଗାଡ଼ି ଷ୍ଟାର୍ଟ କରି ଚାହିଁଲୁ ସେଇଠିକି, ଯେଉଁଠି ଟିକକ ଆଗରୁ ଆମେ ବସିଥିଲୁ।

ଜହ୍ନ ବୁଡ଼ି ସାରିଥିଲା ପ୍ରାୟ। ଜାଗାଟା ଅନ୍ଧାରରେ ଟିକେ ରହସ୍ୟମୟ ମନେ ହେଉଥିଲା। ଅଜୟବାବୁ କହିଲେ– ଆଉ କେବେ ଆସିବା ଏଠିକି। ଦିପୁଭାଇ କିନ୍ତୁ ମୁଣ୍ଡ ହଲେଇ ମନାକଲେ ଓ କହିଲେ– ନା ଏଠିକୁ ନୁହେଁ, ଆଉ କୋଉଠିକି ଯିବା। ଗୋଟେ ନୂଆ ଜାଗାକୁ। ...ଗାଡ଼ି ଷ୍ଟାର୍ଟ ହେଲା। ବଳବାବୁ ଚିତ୍କାର କରିଉଠିଲେ, ହେଇ ଦେଖ। ଅନ୍ଧାରରେ ସେ ଧଳା ବିଲେଇଟା କେମିତି ଜକଜକ କରି ଦିଶୁଚି! ଆରେ ସତେ ତ! ଆମେ ତିନିହେଁ ଉଚ୍ଚାରଣ କଲୁ। ଗାଡ଼ି ଗଡ଼ିଲା ଆଗକୁ। ସହର ଆଡ଼କୁ। ଖୁବ୍ ଜୋର୍‌ରେ...

– 'ଛାଇ', ଜଗନ୍ନାଥ ବିହାର, ବାଇପାସ୍, ଭଦ୍ରକ





ସୃଜନ-ସ୍ମୃତି

ପବିତ୍ର ପାଣିଗ୍ରାହୀ (୧୯୬୩), ଯିଏ କୈଶୋରରୁ ଓଡ଼ିଆ ଗଳ୍ପ ପ୍ରତି ସମର୍ପିତ; ତାଙ୍କର ଅନେକ ଗଳ୍ପବହି ଭିତରୁ କେତୋଟି ହେଉଛି; 'ପ୍ରେମିକର ଦଶାବତାର', 'ଖରାପ ପାଗ', 'ଏକା ଏକା ଅରୁନ୍ଧତୀ', 'ଅଫେରା ଜହ୍ନରାତି', 'ସ୍ୱପ୍ନ ଚୋରି', 'ବରଂ ଅନ୍ଧାର ଭଲ' ଏବଂ 'ମିଛଘର'। ଉପନ୍ୟାସ 'ଡଅଁର' ସାଙ୍ଗକୁ ଫିଚର୍, ଜୀବନୀ ଓ ପ୍ରବନ୍ଧରେ ନିଜ ସୃଜନ-ଶକ୍ତିକୁ ସେ ପରଖିଛନ୍ତି ବାରବାର। 'ସୃଜନ-ସ୍ମୃତି'ରେ ସେ ଯାହା କହନ୍ତି, ନ କହିଥିଲେ ଜାଣନ୍ତା ବା କିଏ!

# ଖାଣ୍ଟି ସତରେ ହୁଏନା ଗପ...



ଖାଣ୍ଟି ସୁନାରେ ଯେମିତି ଗହଣା ଗଢ଼ା ଯାଇପାରେନା, ସେଥିରେ ଖାଦ ମିଶାଇବାକୁ ହୁଏ; ଠିକ୍ ସେମିତି ଗପ। ସତ ଘଟଣା ଓ ଛୁଇଁଥିବା ଚରିତ୍ରମାନଙ୍କୁ ନେଇ ମୁଁ ଗପ ଲେଖେ, ତହିଁରେ କଳ୍ପନା ମିଶାଇ। ପ୍ରତ୍ୟକ୍ଷ ଅନୁଭୂତି ନ ଥିଲେ ଗପ ଲେଖିପାରେନା। ଏବେ ଯଦି କେହି ପାଠକ ଚାହିଁବେ, ତେବେ ତାଙ୍କୁ ମୋ' ଗପର ଅନେକ ଜୀବନ୍ତ ଚରିତ୍ରଙ୍କ ସହ ଭେଟ କରାଇ ଦେଇ ପାରିବି।

'ଚଢ଼େଇ ଗଛ' ଗପଟିଏ ବାହାରିଥାଏ 'ସୃଜନୀ'ରେ। ମୁଁ ରହୁଥାଏ ସପରିବାର ଭଦ୍ରକ ନୂଆବଜାରସ୍ଥିତ କ୍ଷମାସାଗର ମଠ ପାଖ ଭଡ଼ାଘରେ। ଦିନେ ମହଳ ଅପରାହ୍ଣରେ ସେଇ ପାଖ ଗାଁ ଅସ୍ତୁଳର ଦି' ତିନିଜଣ ଝିଅ ଆସି ଇଆଡ଼େ ସିଆଡ଼େ ଅନେକ ସମୟ ଖୋଜିଲା ଖୋଜିଲା ଆଖିରେ ଚାହିଁଲା ପରେ ମୋତେ ନମସ୍କାର କରି ପଚାରିଲେ– ଅଙ୍କଲ୍, ଗପଟା ତ ପୂରା ସତ ସତ ଲାଗୁଛି ; କୋଉଟା ସେ ଚଢ଼େଇ ଗଛ ? ମୁଁ ହଡ଼ବଡ଼େଇ ଗଲି। ପତ୍ନୀ ସୁଚିତ୍ରା ଦେଖେଇଦେଲେ ଦଶ ବାର ହାତ ଉଚ୍ଚା ସେଇ ନାଁ ଅଜଣା ଗଛଟିକୁ। ସେତିକିବେଳେ ଉଡ଼ିଗଲେ ସେଇ ଗଛରୁ ସୁନ୍ଦର ଚଢ଼େଇ କେତୋଟି। କାହିଁକି ଯେ ବର୍ଷ ତମାମ ସବୁବେଳେ ସେଇ ଗଛରେ ଜାତିଜାତିକା ଚଢ଼େଇ ବସନ୍ତି, ମୁଁ ଅବଶ୍ୟ ବୁଝିପାରିନି ଏଯାଏ। ସେ ଗଛ ଏବେ ବି ଅଛି। ଖୁବ୍ ବଡ଼ ହେଇ ଗଲାଣି। କିନ୍ତୁ ସବୁବେଳେ ସେଥିରେ ଏବେ ବି ବସୁଛନ୍ତି ହରେକ କିସମର ଚଢ଼େଇ।

ସେମିତି ମୋର କୁନ୍‌ମୁନିଆ ଗପଟିଏ 'ବିଲଭୋଜି'। ଥରେ ଡିସେମ୍ବର ମାସରେ ଆମେ କେତେଜଣ ବନ୍ଧୁ ଯୋଜନା କଲୁ ନୂଆ ରକମର ଭୋଜିଟେ କରିବୁ ସହରଠୁ ଦୂରରେ, ଗୋଟେ ଅଜଣା ଜାଗାରେ, ଧାନ କଟା ସରିଥିବା ବିଲରେ। କଲୁ ବି। ସହରକୁ ପଛ କରି ଖସିଗଲୁ ସଞ୍ଜସଞ୍ଜ ବେଳେ ବେଶ୍ ଦୂରକୁ। ଖୋଜିଖୋଜି ଗୋଟେ ନିରୋଳା ନିକାଞ୍ଚନ ଜାଗାରେ ବିଲଭୋଜି କଲୁ। ଝାପ୍‌ସା ଝାପ୍‌ସା ଜହ୍ନ ଆଲୁଅ, ଅନତି ଦୂରରେ ବୋହି ଯାଉଥିବା ସାଳନ୍ଦୀ ନଈର ଗଛବୃଚ୍ଛଭରା ପରିବେଶରେ ରୋଷେଇର ଆୟୋଜନ ଚାଲିଥିଲା ବେଳେ ଘଟିଲା ରହସ୍ୟମୟ ଘଟଣାଟିଏ। ଧଳା ବିଲେଇଟିଏ ଦେଖାଦେଇ ବାରବାର ଲୁଚକାଳି ଖେଳ ଖେଳି ଚାଲିଥିଲା ଯେମିତି ଆମ ସହ।

ଅଳ୍ପ କିଛିଦିନ ଆଗରୁ ଏ ସଂସାରରୁ ବିଦାୟ ନେଇଥାନ୍ତି ଖୋକାଭାଇ (ଅକ୍ଷୟ ମହାନ୍ତି)। ଟେପ୍ ରେକର୍ଡର୍‌ରୁ ତାଙ୍କ ଗୀତ ବାଜିଲା ବେଳକୁ ବିଲେଇଟି ଦିଶେ, ବନ୍ଦ ହେଲେ ଉଭାନ୍ ହେଇଯାଏ କୁଆଡ଼େ। ପୁଣି ଗୀତ ବାଜିଲେ ସେ ଦିଶିଯାଏ। ଆମକୁ ଲାଗିଲା, ଖୋକାଭାଇ ଯେମିତି ବିଲେଇ ରୂପରେ ଘୂରି ବୁଲୁଛନ୍ତି ଦେହଛପା ଦେଇ ଆମ ଚଉପାଶରେ। ସାରା ପରିବେଶ ପାଲଟି ଯାଇଥିଲା ମାୟାଚ୍ଛନ୍ନ, ଆଧିଭୌତିକ। ଗପ ସାରା କେବଳ ସେଇ ଧୋବ ଫରଫର ବିଲେଇ, ଯେମିତି ଆମର ସେଇ ନିଆରା ବିଲଭୋଜିକୁ ଆବୋରି ବସିଥିଲେ ଖୋକାଭାଇ ଓ ସେଇ ବିଲେଇଟି।

ଏବେ ବି ସେଇ ବିଲଭୋଜି କଥା ମନେପଡ଼ିଲେ ଲୋମ ଟାଙ୍କୁରି ଉଠେ, ଶିହରି ଉଠେ ଦେହ, ମନ। 'ଗଳ୍ପଝର' ପାଇଁ ଗପ ଆଣିବା ଅବସରରେ ଖୁବ୍ ନିକଟରୁ ଦେଖିଥିଲି ଓ ବୁଝିଥିଲି ତାଙ୍କୁ। ବିଲଭୋଜିର ସାଙ୍ଗ ଅଜୟ ବାବୁ, ବଳ ବାବୁ ଓ ଦୀପୁ ଭାଇ (ନାଁ ସାମାନ୍ୟ ବଦଳେଇଛି) ସମସ୍ତେ ମଧ୍ୟ ଥିଲେ ତାଙ୍କ ଗୀତର ଫ୍ୟାନ୍। ସେଦିନ ଆମେ ସ୍ୱାଦିଷ୍ଟ ଚିକେନ୍ ଫ୍ରାଏ ଟିକେଟିକେ କେବଳ ଚାଖିଥିଲୁ ସିନା, ଭଲ କରି ଖାଇ ପାରି ନ ଥିଲୁ। ତଥାପି ଆମ ପେଟ ପୂରିଗଲା ପରି ଲାଗିଥିଲା। ଅନେକ ଭୋଜି ଓ ପିକ୍‌ନିକ୍‌ରେ ମୁଁ ସାମିଲ ହେଇଚି। ହେଲେ ସେଦିନର ଅନୁଭବ ସାଇତା ହେଇ ରହିଛି ଛାତି ତଳେ। ବିଲଭୋଜି ସାରା ଆମେ ଯେତିକି ହସିଥିଲୁ, ମଜା କରିଥିଲୁ, ସେତିକି ଉଦାସ ହେଇପଡ଼ିଥିଲୁ, କାନ୍ଦିଥିଲୁ ବି! ଗାଉଁଲି ଶବ୍ଦ ଓ ଚିତ୍ରକଳ୍ପକୁ ନେଇ ସୁନ୍ଦର ଗପ ଲେଖୁଥିବା ରଜନୀକାନ୍ତ ମହାନ୍ତି ଗପଟି ପଢ଼ି କହିଥିଲେ, ଏଇମିତି ଆଉରି ଗପ ଲେଖନ୍ତେ ସିନା ! ... ସେଇଥିପାଇଁ ତ ଏଇ କୁନ୍‌ମୁନିଆ ଗପଟି ମୋର ଅନ୍ୟତମ ପ୍ରିୟ ଗପ ହେଇ ରହିଛି ଏଯାବତ୍। ଏମିତି ବିରଳ ଅନୁଭବ ସତରେ କ୍ୱଚିତ୍ ମିଳେ ଜୀବନରେ।



# ଗଳ୍ପ ନିଚ୍

କାଳିନ୍ଦୀଚରଣ ଭଞ୍ଜ

ଅନେକ ରକ୍ଷଣଶୀଳ, ସଂସ୍କାର ବିରୋଧୀ ଲୋକ ଉଠାଇଥିଲେ ଜାତି, ଲିଙ୍ଗଗତ ପ୍ରଶ୍ନ। ସେ ସବୁକୁ ପଛକୁ ପକାଇ ତା'ର ଏକନିଷ୍ଠ ଉଦ୍ୟମ ଭିତରେ ହିଁ ରହିଥିଲା ସଫଳତା। ଜୟ ପରାଜୟ ଭିତରେ ନୁହେଁ। ଝିଅଟିର ଜୀବନ ସଂଗ୍ରାମ ଥିଲା ଘାତପ୍ରତିଘାତମୟ। କିନ୍ତୁ ଲକ୍ଷ୍ୟ ତା'ର ଥିଲା ସ୍ଥିର। ସେଥିପାଇଁ ଶେଷରେ ହାର୍‌-ଜିତ୍‌ ପଶାପାଲିରେ ଜଣେ ନାମୀ ବ୍ୟକ୍ତିତ୍ୱ ହୋଇ ପାରିଥିଲା ପଛୁଆ ଆଦିବାସୀବର୍ଗର ଝିଅ ଫୁଲରାଣୀ ମୁଣ୍ଡା।

ଗାଁ ବରଗଛ ପାଖକୁ ଲାଗି ଦୁଇ ବଖରା ନଡ଼ାଛପର ଘରେ ରହେ ଗୋପ ମୁଣ୍ଡା। ପରିବାର କହିଲେ ସ୍ତ୍ରୀ ହୀରା ଓ ଝିଅ ଫୁଲ। କେଉଁ କାଳରୁ ଗୋପ ମୁଣ୍ଡାର ଜେଜବାପ ଗୋତି ଶ୍ରମିକ ଭାବେ କାମ କରି ରହିଥିଲା ପ୍ରଧାନ ହର ସିଂହଙ୍କ ଗୃହରେ। ମୂଳ ବାସିନ୍ଦା ସେ ଥିଲା କୋରାପୁଟର କେଉଁ ଏକ ଅଜଣା ଅଶୁଣା ଗାଁରେ। ଗୃହକାମ ପାଇଁ ଆସିଥିବା ଗୋପର ଜେଜବାପ ସମୟ କ୍ରମେ ଗାଁର ଜଣେ ସ୍ଥାୟୀ ବାସିନ୍ଦା ହୋଇ ରହିଗଲା। ପୁଅ, ନାତି କାଳକ୍ରମେ କିଛି ଜମି କିଣି, ଭାଗଚାଷ କରି ଜୀବନ ନିର୍ବାହ କଲେ। ଗୋପ ଓ ହୀରା ଚାଷ ଦେଖନ୍ତି, ତା' ସହ ଛେଳି, ଗୋରୁ ପାଳି ଚଳିଯାଆନ୍ତି। ଝିଅ ଫୁଲ ପାଖ ସ୍କୁଲରେ ପଢ଼େ।

ଫୁଲର ନାଁଟି ଯେପରି, ଚେହେରା ମଧ୍ୟ ସେହିପରି। ଆଦିବାସୀଙ୍କ ଜନ୍ମ କୌଳିକ ଗୁଣରେ ଭୂଷିତ ଫୁଲ ଖୁବ୍‌ ସରଳ ଅମାୟିକ। ସ୍କୁଲରେ ଆଦର ପାଏ, କ୍ଲାସ୍‌ରେ ପ୍ରଥମ ହୁଏ। ଏଥିପାଇଁ ପ୍ରଧାନ ପରିବାରର ପୁଅଝିଅ ଏକା ନୁହେଁ, ଅନ୍ୟମାନେ ମଧ୍ୟ ଫୁଲ ସହ ଖେଳନ୍ତି ମିଶନ୍ତି। ସ୍କୁଲର ପଢ଼ା ତା' ପାଖରୁ ବୁଝି ଗୁରୁଜୀମାନଙ୍କର ମାଡ଼, ଭୟ, ଅପମାନରୁ ରକ୍ଷାପାଆନ୍ତି। ପରିବାରର ପର୍ବପର୍ବାଣି, ଓଷାବ୍ରତରେ ଫୁଲକୁ ଡାକି ଖୁଆନ୍ତି। ସେମାନେ ମଧ୍ୟ ଫୁଲ ଘରକୁ ଅବାଧରେ ଆସି ଖେଳି ବୁଲି ଯାଆନ୍ତି। ଫୁଲର ମା' ବାଡ଼ିରେ ଲଗାଇଥିବା ନାନା ଜାତିର ଫୁଲ ନିଅନ୍ତି। ବାଡ଼ିର ପିଜୁଳି, କାକୁଡ଼ି ଖାଇ ଘରକୁ ବି ନେଇଯାଆନ୍ତି। ଶିଶୁ ସ୍ୱଭାବ, ଶିଶୁପ୍ରକୃତି, ଚପଳତା, ନଶ୍ୱରତା ସମସ୍ତଙ୍କ ମନ ମୋହେ।

ସମୟର ଗତିରେ ପିଲାମାନଙ୍କର ହସଖେଳରେ ଆସିଗଲା ମାଧ୍ୟମିକ ପରୀକ୍ଷା। ପରୀକ୍ଷାରେ ସ୍କୁଲରେ କେବଳ ନୁହେଁ, ଜିଲାସ୍ତରରେ ଫୁଲରାଣୀ ପ୍ରଥମ ହେଲା, ଅନେକ ପ୍ରଶଂସା ସହ ପୁରସ୍କାର ପାଇଲା।

ଫୁଲର ଅତି ସାଙ୍ଗ ରଶ୍ମି କମ୍‌ ନମ୍ବର ରଖିଥିଲେ ବି ଦୂର ସହରରେ ଯାଇ ପଢ଼ିବାର ବ୍ୟବସ୍ଥା କରିଥିଲେ ତା' ପିତାମାତା। କିନ୍ତୁ ଫୁଲର ପ୍ରବଳ ଇଚ୍ଛା ଥିଲେ ବି ଆର୍ଥିକ ଅନଟନରେ ଘାଣ୍ଟି ହେଉଥିବା ଦରିଦ୍ର ମା'ବାପା ଝିଅକୁ ସାନ୍ତ୍ୱନା ଦେଇ ଘରେ ରଖାଇଲେ। ଦୀପ୍ତିମତି, ଉଜ୍ଜ୍ୱଳ, ଶୋଭମନ ଯୁବତୀ ଅଧିକ ପଢ଼ିବା ପାଇଁ କୌଣସି ସାହାଯ୍ୟ ନ ପାଇ ମା'ଙ୍କ କଥା ମାନି ଗୃହକର୍ମରେ ସାହାଯ୍ୟ କରିବାକୁ ମା' ହୀରା ଅଧିକ ଶ୍ରମ କରି କିଛି ପୁଞ୍ଜି ଜମାକଲା। ପୁଞ୍ଜି ଜମା କରିବାର ଲକ୍ଷ୍ୟ ଫୁଲର ବାହାପୁଆଣି ପାଇଁ ଟଙ୍କା ଦରକାର।

ଛୁଟିରେ ଆସେ ଫୁଲର ଅତି ସାଙ୍ଗ ରଶ୍ମି। ଫୁଲ ଚାହେଁ ତା' ସହ ମିଶିବା ପାଇଁ, ତା' ଭଲମନ୍ଦ ବୁଝିବା ପାଇଁ ଓ ବହିପତ୍ର ଆଣି ଟିକିଏ ପଢ଼ିବା ପାଇଁ। କିନ୍ତୁ ରଶ୍ମିର ଆଚାର ବ୍ୟବହାର, ଚାଲିଚଳଣରେ ଦେଖେ ବିରାଟ ପରିବର୍ତ୍ତନ। ପ୍ରକାଶ୍ୟରେ ନ ହେଲେ ବି ପରୋକ୍ଷରେ ରଶ୍ମି ଚାହେଁ ନାହିଁ ଫୁଲର ସାଙ୍ଗ ସୁଖ, ସାନିଧ୍ୟ। ରଶ୍ମିର ଏ ପ୍ରକାର ପରିବର୍ତ୍ତନ ଦେଖି 'ଆଲୋ ସଖୀ ଆପଣା ମହତ ଆପେ ରଖି' ନୀତିରେ ଫୁଲ ନିଜ ଭାଗ୍ୟକୁ ନିନ୍ଦି ଦୂରେଇ ରହେ। ଏକଥା ତା' ମା' ପାଖରେ କହିଲେ ମା' ହୀରା କହେ- ଝିଅ, ସେମାନେ ଧନବାନ୍‌, ଉଚ୍ଚ ଜାତିର ଲୋକ। ଆମେ ସେମାନଙ୍କ ସହ ସମାନ ନୁହଁ। ଆମେ ଯେତିକିର ସେତିକିରେ ସନ୍ତୁଷ୍ଟ ରହିବା।

ଫୁଲ ବୁଝିଥିଲା ବାହୁବଳୀ, ବୁଦ୍ଧିମାନ୍‌ ଲୋକେ ବଳ ପ୍ରୟୋଗ କରି ବା ଶ୍ରମ କମ୍‌ କରି ଧନସମ୍ପତ୍ତି, ଟଙ୍କା କଉଡ଼ି-ସୁନା ରୁପା ଆଦି ଭୂସମ୍ପତ୍ତି ଅର୍ଜନ୍ତି। କିନ୍ତୁ କିଏ କେଉଁ କୁଳ, ବଂଶ, ଗୋଷ୍ଠୀରେ ଜନ୍ମ ହେବ ତାହା ବିଧି ନିର୍ଦ୍ଦିଷ୍ଟ, ସ୍ଥିରୀକୃତ, ନିଶ୍ଚିତ। ଏଣୁ ଜାତିଗତ ଶ୍ରେଣୀ ବିଭାଗ, ଉଚ୍ଚ ନୀଚ ଭେଦଭାବ ସବୁ ମନୁଷ୍ୟକୃତ। ସୁବିଧାବାଦୀ ମଣିଷଙ୍କ କଳା କୌଶଳ।

ନିଜ ଶ୍ରମ, ମେଧା ଓ ଦକ୍ଷତା ବଳରେ ଫୁଲ ଦୁନିଆକୁ ଦେଖାଇ ଦେବାକୁ ଚାହେଁ ସେ ନୀଚ କୁଳରେ ଜନ୍ମ ଓ ଗରିବ ହେଲେ ମଧ୍ୟ କମ୍‌ ନୁହେଁ।

ସମୟ ଗଡ଼ିଚାଲେ। ଗତି ତା'ର ନିତ୍ୟ ଚିରନ୍ତନ। ଫୁଲର ବିବାହ ପାଇଁ ବରପାତ୍ର ଖୋଜା ଚାଲେ। ସ୍ୱ ଜାତିର ଯୁବକ ସୁକୁନା ମାଝି ସହରରେ କାଠ ମିସ୍ତ୍ରି, ବଢ଼େଇ କାମ କରି ଜୀବିକା ନିର୍ବାହ କରେ। ତା' ସହ ବିବାହ ସମ୍ପନ୍ନ ହେବା ପରେ ସହରର ଏକ ବସ୍ତିରେ ରହିଲେ ନବଦମ୍ପତି।

ଏକ ନୂଆ ସମୟ, ନୂଆ ଜୀବନ। ସେ ଦୁହିଁଙ୍କ ପାଇଁ ସ୍ୱପ୍ନର ଘର, ନୂଆ ଜୀବନର ଆକର୍ଷଣ। ଆଗରେ ଲମ୍ବା ରାସ୍ତା।

ସୁକୁନାର ପୂରା ଦାୟିତ୍ୱ ନିଏ ଫୁଲ। କାମକୁ ଯିବା ଆଗରୁ ଶାଗ, ପଖାଳ, ବଡ଼ି, ଶୁଖୁଆ ରାଇ ଥୋଇଦିଏ। ଟିଫିନ୍‌ରେ ମୁଢ଼ି, ଛୁଡୁମର ଛତୁଆ, ଆଚାର ବାନ୍ଧି ଦିଏ। ଏହି ପରି ପ୍ରୀତି, ସୋହାଗ, ସମ୍ଭୋଗରେ ଦିନ ବିତେ।

ଦିନେ ଫୁଲ ମୁହଁ ଖୋଲି କହିଲା- ବାବୁଗୋ ମୋତେ ବସି ବସି ଭଲ ଲାଗୁନି, କିଛି ପଢ଼ିବାକୁ, କିଛି କରିବାକୁ ଇଚ୍ଛା ହେଉଛି। ସାହାଯ୍ୟ କଲେ ଅଧିକ ଟିକେ ପଢ଼ନ୍ତି। ସୁକୁନା ହସିଦେଇ କହିଲା- "ଆମ କୁଳକୁ ତୁମ ପଢ଼ା ବହୁତ। ପୁଣି ପଢ଼ାଖର୍ଚ୍ଚ, ସ୍କୁଲ ଯିବାଆସିବା ପାଇଁ ଅସୁବିଧା ଝାମେଲା ରହିଛି। ତୁମେ ବାହାରକୁ ଗଲେ ଘର ଖବର ବୁଝିବ କିଏ?"

ଫୁଲ ବୁଝାଇଦେଲା ପଢ଼ାପଢ଼ି ହେବ ପତ୍ର, ଡାକ ମାଧ୍ୟମରେ। ପୁନଶ୍ଚ ହରିଜନ, ଆଦିବାସୀଙ୍କ ପାଇଁ ସରକାର ଖୁବ୍‌ କମ୍‌ ଫିସ୍‌ ନେଇ ବହିପତ୍ର ଯୋଗାଇ ଦିଅନ୍ତି। ସେ ସବୁର ଖର୍ଚ୍ଚ ଉଠାଇ ନେବି ଦୁଇଜଣ ବାବୁଙ୍କ ଘରେ ପାଇଟି କରି।

ଫୁଲର ପଢ଼ା ପ୍ରତି ଖୁବ୍‌ ଆଗ୍ରହ, ଉତ୍ସାହ ଦେଖି ସୁକୁନା ମନା କରି ନ ଥିଲା ବରଂ ସାହାଯ୍ୟର ହାତ ବଢ଼ାଇଥିଲା।

ଫୁଲର ପିଲାଦିନ ଗାଁର ସାଙ୍ଗ ରଶ୍ମି ବି.ଏ. ପାଶ୍‌ କରି ବିବାହ କରିଛି ଏକ ଧନୀ ପରିବାରରେ। ଯୁବକଟି ରହେ ଫୁଲ ରହୁଥିବା ବସ୍ତିଠାରୁ ଅଳ୍ପ ଦୂରରେ। ଫୁଲ ରହୁଥିବା ବସ୍ତିର କିଛି ମହିଳା ରଶ୍ମି ଘରେ ଘରସଫା, ବାସନମଜା ଇତ୍ୟାଦି କାମ କରନ୍ତି। ରଶ୍ମିର ବାପାଙ୍କ ନାଁ, ଠିକଣା ଜାଣିଥିବା ଜଣେ କାମବାଲୀ ରଶ୍ମି ବିଷୟରେ ଫୁଲକୁ କହିଥିଲା। ରଶ୍ମି ପାଖାପାଖି ରହିଥିବା ଶୁଣି ଫୁଲ ଖୁସି ହୋଇ କହିଲା- ସେ ପରା ମୋ' ସାଙ୍ଗ। ପଢୁଥିଲୁ, ଖେଳୁଥିଲୁ ସାଙ୍ଗସାଥୀ ହୋଇ ଏକ ସ୍କୁଲରେ। ଧନୀ ଘରର ଝିଅ ହୋଇଥିବାରୁ ସେ ଏବେ ରାଜରାଣୀ, ସାଆନ୍ତାଣୀ; କିନ୍ତୁ ମନ୍ଦ ଭାଗ୍ୟ ଯୋଗୁ ମୁଁ ଆଜି ଚାକରାଣୀ।

ଫୁଲ ଯେ ରଶ୍ମି ସାଆନ୍ତାଣୀଙ୍କ ସାଙ୍ଗ ଥିଲା, କଥାଟିକୁ କାମବାଲୀ ଦିନେ ଶୁଣାଇଥିଲା ରଶ୍ମିକୁ।

ରଶ୍ମି ଉପରକୁ ମୁହଁ ଟେକି ଡିମାଡିମା ଆଖିରେ ନ ଜାଣିଲା, ନ ଚିହ୍ନିଲା ଭଳି କହିଲା- ହଁ ହଁ, ଫୁଲ ବୋଲି ଗୋଟେ ଝିଅ ଆମ ଗାଁରେ ଥିଲା। ଗୋଟେ ଆଦିବାସୀ ମୁଣ୍ଡାର ଝିଅ ସେ। ତା' ମା'ବାପା ଆମ ଘରେ କାମ କରି ଚଳୁଥିଲେ। ସେ ନୀଚ, ଅଛୁଵ, ଅସ୍ପୃଶ୍ୟ, ଦରିଦ୍ର ପରିବାରର ଝିଅଟା ମୋର କାହିଁକି ସାଙ୍ଗ ହେବ? ଏମିତି ଦେଖାସାକ୍ଷାତ୍‌ ହୋଇଥାଏ ଦାଣ୍ଡରେ, ହାଟରେ, ବାଟରେ କହି ବଡ଼ପଣ ଦେଖାଇଲା।



ଏକଥା ଶୁଣି ଫୁଲ ମନ ଦୁଃଖ କରେ। ଚୁପ୍‌ ରହେ। ବାଟରେ ଯେବେ କେବେ ଦେଖାହେଲେ ରଶ୍ମି ଅଜଣା, ଅଚିହ୍ନା ଭଳି ଚାଲିଯାଏ।

ଇତିମଧ୍ୟରେ ଫୁଲର ପତ୍ର ବିନିମୟ ପାଠ୍ୟକ୍ରମ ଖୁବ୍‌ ଭଲ ଭାବରେ ଚାଲିଥିଲା। ବି.ଏ.ରେ ସୋସିଓଲୋଜି, ସମାଜ ବିଜ୍ଞାନରେ ଅନର୍ସ ନେଇ ପଢ଼େ। ଏଇତ ରହିଲା ମାସ କେତେଟା ଶେଷ ପରୀକ୍ଷା।

ମାର୍ଚ୍ଚ ମାସ ଶେଷରେ ପରୀକ୍ଷାଫଳ ବାହାରିଲା। ବିଶ୍ୱବିଦ୍ୟାଳୟ ସୋସିଓଲୋଜି ବିଭାଗ ପତ୍ର ବିନିମୟ ପାଠ୍ୟକ୍ରମରେ ଆଦିବାସୀ ଝିଅ ଫୁଲରାଣୀ ମୁଣ୍ଡା ପ୍ରଥମ ଶ୍ରେଣୀରେ ପ୍ରଥମ ହେବାର ଖବର ପ୍ରଚାର ହୋଇଗଲା। ଫଟୋ ତା'ର ପ୍ରତ୍ୟେକ ଗଣମାଧ୍ୟମରେ ବାହାରିଗଲା।

ଆଦିବାସୀ, ହରିଜନ, ଅଛୁଵ, ଅଛୁଆଁ କହୁଥିବା ରଶ୍ମି ଭଳି ଲୋକଙ୍କ ମୁହଁରେ କଥା ନ ଥିଲା। ହସ ଲୁଚି ଯାଇଥିଲା। ମୁହଁ କଳାକାଠ ପଡ଼ିଯାଇଥିଲା। ଟିଭିରୁ ଖବର ଶୁଣି କେତେକ ସାଙ୍ଗ ପ୍ରଥମେ ସୁକୁନାକୁ ଜଣାଇଥିଲେ। ଖୁସିରେ ଚାହିଁଲେ ହାଣ୍ଡିଆ, ଚିକେନ୍‌କଷା, ହଁ ଦବା କହି ଘରକୁ ଫେରି ଫୁଲଠାରୁ କଥା ସତ ବୋଲି ଜାଣି ଅତି ଖୁସିରେ ଫୁଲକୁ କୋଳେଇ ନେଇ ଏକ ଗାଢ଼ ଚୁମ୍ବନ ଦେଇ କହିଲା- "ତୋ' ପାଖରେ ଏତେ ପ୍ରତିଭା, ଅସାମାନ୍ୟ ବୁଦ୍ଧି ଥିବାର ମୋତେ ଜଣା ନ ଥିଲା। ତୁ ଏ ଆଦିବାସୀ ମହିଳାଙ୍କ ମଉଡ଼ମଣି, ସର୍ବଶ୍ରେଷ୍ଠ ମହିଳା।"

ସେ ବର୍ଷ ଜନରାଜ୍ୟ ଦିବସରେ ଆଦିବାସୀ ମେଳାରେ ମୁଖ୍ୟମନ୍ତ୍ରୀ ଫୁଲକୁ ସମ୍ବର୍ଦ୍ଧନା କରି କହିଲେ, "ମହିଳାମାନେ ଶିକ୍ଷିତ ହେଲେ ପରିବାର ଓ ଦେଶର ଅନେକ ଅସୁବିଧା ଦୂର ହେବ। ବିଶେଷତଃ ହରିଜନ, ଆଦିବାସୀ ମହିଳାମାନେ ଫୁଲଙ୍କୁ ଅନୁକରଣ କରିବା ଆବଶ୍ୟକ। ଦୃଢ଼ ଇଚ୍ଛାଶକ୍ତି ଓ ଉଚ୍ଚାକାଂକ୍ଷା ହିଁ ମଣିଷକୁ ଶୀର୍ଷ ସ୍ଥାନକୁ ଯିବା ପାଇଁ ସାମର୍ଥ୍ୟ ଯୋଗାଇଥାଏ। ଏହା ଅଲଂଘ୍ୟ ପ୍ରାଚୀର ଅତିକ୍ରମ କରିବାକୁ ସାମର୍ଥ୍ୟ ଦିଏ।"

ଫୁଲ ଦେଖେ ବସ୍ତିର ଅନେକ ପୁଅ ଝିଅ ଅପରିଷ୍କାର, ଅପରିଚ୍ଛନ୍ନ, ମଇଳା ପୋଷାକ ପିନ୍ଧି ବୁଲନ୍ତି। ନାନା ଅସାମାଜିକ କାର୍ଯ୍ୟ ମଧ୍ୟ କରନ୍ତି। ସେମାନଙ୍କୁ କି ପ୍ରକାର ସାହାଯ୍ୟ କରି ଭଲ ବାଟକୁ ଆଣିବାର ବାଟ ଖୋଜେ, ମନେମନେ ଅନେକ ଯୋଜନା ପ୍ରସ୍ତୁତ କରେ। ସେ ପଢ଼େ କାନ୍ଥ ବାଡ଼, ପଥର ପାଚେରିରେ, ଧଳା କାଛରେ କଳା ଅକ୍ଷରରେ ଲେଖା- 'ସମସ୍ତେ ପଢ଼ିବେ ସମସ୍ତେ ବଢ଼ିବେ'।

ସେ ଦିନେ ମୁହଁ ଖୋଲି ତା' ସ୍ୱାମୀ ସୁକୁନାକୁ କହିଲା- "ହଇଗୋ, ଝିଅର ସ୍କୁଲ ଯାଇ ପାଠ ପଢ଼ିବା ବୟସ ହେଲା। ମୁଁ ସ୍କୁଲକୁ ନ ଛାଡ଼ି ପ୍ରାଥମିକ ସ୍ତରରେ ପଢ଼ାଇବି। ଏହା ସହ ତା' ବୟସର ଏଣେତେଣେ ବୁଲୁଥିବା ପୁଅଝିଅଙ୍କୁ ପଢ଼ାଇବି। ଏଥିପାଇଁ ଅର୍ଥ ଆବଶ୍ୟକ ନାହିଁ। ବିଦ୍ୟା ଦାନ ମହାପୁଣ୍ୟ ଜାଣିଚ?"

ସୁକୁନା ହସିଦେଇ କହିଲା- 'କ'ଣ କରୁଛୁ ମୁଁ ଦେଖେ।'

ଫୁଲ ଆଉ ପଛକୁ ଫେରିଲାନି। ତା' ଜୀବନର ଲକ୍ଷ୍ୟ, ଉଦ୍ଦେଶ୍ୟକୁ ଚରିତାର୍ଥ କରିବା ପାଇଁ ବସ୍ତିର କେତେକ ପିତାମାତାଙ୍କ ସହ ଯୋଗାଯୋଗ କରି କେତେଗୁଡ଼ିଏ ଛୋଟ ପୁଅ ଝିଅଙ୍କୁ ପାଖ ବରଗଛ ମୂଳରେ ଥିବା ପିଣ୍ଡିରେ ବସି ବର୍ଣ୍ଣବୋଧ ଶିକ୍ଷା ଦେଲା। ପିଲାଙ୍କ ସଂଖ୍ୟା ବଢ଼ିଲା। ଲୋକମାନେ ପାଖ ପଡ଼ିଆରେ ଛୋଟ ଚାଳିଆଟିଏ କରିଦେବାରୁ ପିଲାମାନେ ଖରାବର୍ଷାରୁ ରକ୍ଷା ପାଇଲେ।

ଏହା ପାଖ ସୁବର୍ଣ୍ଣ ଧନୀ, ହୋଟେଲ ମାଲିକଙ୍କ ଗାତ୍ରଦାହ ହେଲା। କାରଣ ଯେଉଁ ପିଲାମାନେ ସେମାନଙ୍କ ଘରେ ଭୁଜା, ମୁଢ଼ି, ଚା ଟିକିଏ ଖାଇ ବାସନ ମାଜୁଥିଲେ, ଝାଡୁ ମାରୁଥିଲେ, ସେମାନେ ଚାହାଳିକୁ ଆସିବାରୁ ତାଙ୍କର କାମ ଅଟକିଗଲା, ବାଧାପ୍ରାପ୍ତ ହେଲା। ଏଣୁ ଫୁଲ ବିରୋଧରେ ସ୍ୱର ଉତ୍ତୋଳନ କରି କହିଲେ- "କେଉଁ ଅପହଞ୍ଚ ବଣ ଜଙ୍ଗଲରୁ ହୁଣ୍ଡା, ମୁଣ୍ଡା ଜାତିର ମାଇକିନାଟା ଆସି ଆମକୁ ପାଠ ପଢ଼ାଇବ।" ଏଥିରେ ଖିଅ ଯୋଡ଼ିଲେ, କଥାଟା ବଢ଼େଇ ବଙ୍କୁ ସାହୁ ବରା, ପକଡି, ଜିଲାପି, ଚା ଦୋକାନୀ କହିଲେ ଏତେ ବ୍ରାହ୍ମଣ କରଣ, ଖଣ୍ଡେଇତ ଥାଉଥାଉ ଅଛୁଵ ଅଛୁଆଁ ସ୍ତ୍ରୀ ଜାତିର ଟିରିଲାଟା ଆମ ପିଲାଙ୍କୁ ଜ୍ଞାନ ଦେବ, ପାଠ ପଢ଼େଇବ। ଛିଃ, ତମ ପୁରୁଷପଣକୁ ଧିକ୍‌ କହି ତଡ଼େଇ ମଡେଇଲା। କେତେକ ମୋଫତଖିଆ, ଗୁଣ୍ଡାଳିଆ ଟୋକାଙ୍କୁ ଗରମ ବରା ଚା କିଛି ଦିନ ଖୁଆଇଲା।

ଫୁଲ ଶୁଣେ, ନୀରବ ରହେ। ସେ ଜାଣେ କିଛି ସୁବିଧାବାଦୀ ଧନୀ ବାହୁବଳୀ ବୁଦ୍ଧି ବଳରେ ଦେଶର ସମ୍ପତ୍ତି ଭୋଗନ୍ତି। ଅନ୍ୟଙ୍କୁ କ୍ରୀତଦାସ, ଦାଦନ, ଗୋତି ଶ୍ରମିକ ଭାବେ ଖଟାନ୍ତି। ଅଛୁଆଁ ଅଛୁଵ କହି ଦୂରେଇ ରଖି ନାନା ନିଷ୍ଠୁର, କଠୋର ଭାବରେ ଶାସନ କରନ୍ତି। ଏଣୁ ଯୁଗଯୁଗ ଧରି ନାନା ଦୁଃଖ ଜଞ୍ଜାଳ ଅଶାନ୍ତିରେ ଏହି ତଥାକଥିତ ଅଛୁଵଗୁଡ଼ା ଜୀବନ ବିତାନ୍ତି। ଉତ୍ପୀଡ଼ନ, ଅତ୍ୟାଚାର, ନିର୍ଯାତନା ସହିବା ସତେଯେପରି ସେମାନଙ୍କ ଜୀବନ ଜାତକରେ ଈଶ୍ୱର ଲେଖି ଦେଇଛନ୍ତି। କିଛି ଲୋକଙ୍କର ଘୃଣା କଟୁକ୍ତି, ଅରୁଚି ଆଚରଣ ମଧ୍ୟରେ ସେହି ଅଶିକ୍ଷିତ ଦରିଦ୍ରଙ୍କ ଭିତରେ ସୁପ୍ତ ଜ୍ଞାନଦୀପ ଜାଳିବାକୁ ମନସ୍ଥ କଲା ଫୁଲ। ସମସ୍ତ ସହଯୋଗ କାମନା କରି ଶିକ୍ଷା କାର୍ଯ୍ୟକ୍ରମ ଆଗେଇନେଲା। ଆଗାମୀ କାଲିର ଫୁଟୁଥିବା ଫୁଲଗୁଡ଼ିକ ଅକାଳରେ ଯେପରି ଝଡ଼ି ନ ପଡ଼ନ୍ତି, ତା' ନୈତିକ କର୍ତ୍ତବ୍ୟ ଦୃଷ୍ଟିରୁ ତାକୁ ଦେଖିବାକୁ ହେବ। କୁନିକୁନି ପିଲାଙ୍କ ହାତ ଧରି ସେମାନଙ୍କୁ ଅନ୍ଧାରରୁ ଆଲୋକକୁ ଆଣିବ। ଜ୍ଞାନ-ରଥକୁ ଆଗେଇ ନେବାକୁ ହେବ ମନସ୍ଥ କରି କର୍ତ୍ତବ୍ୟ ପଥରେ ଆଗେଇଲା ଫୁଲ।

ଫୁଲ ଗରିବ, ହରିଜନ, ଆଦିବାସୀ ପିଲାଙ୍କୁ ବିନା ପାରିଶ୍ରମିକରେ ଶିକ୍ଷାଦାନ କରୁଥିବା ପ୍ରଚାର ହେଲା ବିଭିନ୍ନ ଗଣମାଧ୍ୟମରେ। ସତ୍ୟାସତ୍ୟ ଜାଣି ବିପୁଳ ପରିମାଣର ଅର୍ଥ ସୁଅ ଛୁଟିଲା। ସେ ଅର୍ଥରେ ଓ ସରକାରଙ୍କ ସାହାଯ୍ୟରେ ବିରାଟ ଆବାସିକ ବିଦ୍ୟାଳୟ ଗଢ଼ିଉଠିଲା ଏ ସହରର ଉପାନ୍ତରେ।

ସ୍ୱାମୀ ସୁକୁନାର ସାହାଯ୍ୟ ନେବାରୁ କାର୍ଯ୍ୟକ୍ରମ ଅଧିକ ସହଜ ହେଲା। ସରକାର ମହୀୟସୀ, ଉଚ୍ଚାଭିଳାଷୀ, ମନସ୍ୱିନୀ ଆଦିବାସୀ ମହିଳା ତୁଳସୀ ମୁଣ୍ଡାଙ୍କ ଭଳି ପଦ୍ମଶ୍ରୀ ଉପାଧିରେ ଭୂଷିତ କରିବା ପାଇଁ ଫୁଲ ନାଁ କେନ୍ଦ୍ରକୁ ଅନୁମୋଦନ କରିଥିବାର ଖବର ପ୍ରକାଶ ପାଇଲା।

ରଶ୍ମି ଗୃହରେ କାମବାଲୀ ଦିନେ ପଚାରିଲା- "ମା' ସାଆନ୍ତାଣୀ, ତୁମ ଗାଁର ସେ ଆଦିବାସୀ ଝିଅ ଫୁଲ କଥା ଶୁଣିଛ। ଆମ ବସ୍ତିରେ ସମସ୍ତଙ୍କ ମୁହଁରେ ତା'ରି କଥା। ସେ ବିଦ୍ୟାଦେବୀ, ସରସ୍ୱତୀ ଠାକୁରାଣୀ। ତା' ପାଖରେ ଯିଏ ପଢ଼େ ସେ ହେଇଯାଏ ପଣ୍ଡିତ ଜ୍ଞାନୀ।"

ରଶ୍ମି ଶୁଣୁଥିଲା। ମୁଣ୍ଡ ଟୁଙ୍ଗାରି କହିଲା- "ତୁ ଯାଇ ଦି'ଅକ୍ଷର ତା' ପାଖରେ ପଢ଼ି ପଣ୍ଡିତାଣୀ ହେଇଯା।" ହସିଦେଇ କାମବାଲୀ କହିଲା- "ନାଇଁଗୋ ମା' ପଢ଼ିବା ବୟସ ମୋର କ'ଣ ଅଛି? ନାତିଟୋକାଟାକୁ ପଠାଉଛି। ସେ ଫୁଲ ମାଷ୍ଟରାଣୀ କଥା ସବୁବେଳେ କହେ।"

ରଶ୍ମି ମନ ଦୁଃଖ କରି କହିଲା- "ବୁଝିଲୁ ରମ୍ଭା, ମୁଁ ନିଜକୁ ଆତ୍ମଗର୍ବରେ ଧନୀ ଓ ଉଚ୍ଚବର୍ଗର କନ୍ୟା ଭାବୁଥିଲି। ପ୍ରକୃତରେ ଫୁଲ ପିଲାଦିନେ ମୋର ଅତି ଘନିଷ୍ଠ, ଅନ୍ତରଙ୍ଗ, ନିକଟତର ବାନ୍ଧବୀ ଥିଲା। ମୋତେ ଏକା ନୁହେଁ ଅନ୍ୟମାନଙ୍କୁ ପାଠରେ, ଖେଳରେ ସେ ସାହାଯ୍ୟ କରୁଥିଲା। ବୟସ ବୃଦ୍ଧିରେ ମନରେ ଛୋଟବଡ଼, ଧନୀଗରିବ, ଜାତି ଅଜାତି ଭଳି ହୀନବୁଦ୍ଧି ନୀଚତା, ନ୍ୟୂନତା ପଶି ମନକୁ କଳୁଷିତ କରିଛି ମୋର। ଦୁନିଆରେ କେହି କମ୍‌ ନୁହେଁ। ସୁଯୋଗ ସୁବିଧା ପାଇଲେ ନିଜ ବୁଦ୍ଧି, ଜ୍ଞାନ, ଶ୍ରମ ବଳରେ ନୀଚ, ଅଛୁଵ ସମାଜରେ ଉଚ୍ଚ ସ୍ଥାନ ଅଧିକାର କରିପାରିବାର ବହୁ ଉଦାହରଣ ରହିଛି।"

ରମ୍ଭା! ମନେପକାଇ 'ଫୁଲକୁ ମୋ' କଥା କହିବୁ।' ଫୁଲ ସହ ସାକ୍ଷାତ୍‌ ପାଇଁ ଅପେକ୍ଷା କରି ରହିଲା ରଶ୍ମି।

୭୮୯-ଲକ୍ଷ୍ମୀସାଗର, ଭୁବନେଶ୍ୱର-୬




# ନାରୀ ଦିଗମ୍ବରୀ

**ପ୍ରତିଭା ପରିଡ଼ା**

ଉଙ୍କୁଟି ଆସୁଥିବା
ରକ୍ତସୂର୍ଯ୍ୟର ଆଭାରେ
ମାଟି ଆକାଶର ଦୋଛକିରେ
ଆପଣାର ଭରା ଅଞ୍ଜଳି ସଜାଡ଼ି
ନାରୀଟି ଅର୍ଘ୍ୟ ବାଢୁଥାଏ...
ଜନ୍ମ ଜନ୍ମର କାତର କାମନାରେ
ଉଚ୍ଚାଟ ହେଉଥାଏ
କାହାକୁ ଅର୍ପିଦେବ
ତା'ର ସବୁତକ ଅଭିମାନ, ମଧୁର ଅଙ୍ଗୀକାର
ଆଉ ତା' ଆତ୍ମାର
ସଜଳ କରୁଣ ସିକ୍ତାର।

ହୁଏତ କେହି ଜଣେ
ଓଁକାରମୟ କରିଦେବ
ଏ ଚିତ୍ରିତ ମଧୁକ୍ଷରା ପୃଥ୍ୱୀ...
ସବୁଜ ଶୀତଳ ପାଲଟିଯିବ
ଏ ଧୂସର ଧରିତ୍ରୀ–
ନାରୀଟିଏ ତ ନାରୀଟିଏ...
ଏଇତକ ଛଡ଼ା
କେଉଁକାଳେ ତା'ର ଆଉ
କି ପରିଚୟ ବା ଥାଏ!

ନାରୀଟିଏ ବିଭୋର ହୋଇ
ପ୍ରତୀକ୍ଷା କରିଥାଏ ଅନନ୍ତ କାଳ
କାଳରୁ କାଳାନ୍ତର...
ପଲକ ତୋଳି ଚାହିଁ ରହିଥାଏ
ସାରା କାଳ, କାହାକୁ ?
କାହାର ଅବଧାରିତ ପଦପାତକୁ ?
କାହାର ମହକିତ ଆମନ୍ତ୍ରଣକୁ ?

ଶତ ସହସ୍ର ବାର
ନିଜକୁ ଅର୍ପି ଦେଲା ପରେ ବି,
କେହି ଜଣେ ପ୍ରେମିକ ପୁରୁଷ
ନାରୀର ଦିଗମ୍ବରୀ କାୟାକୁ
ଆବାହନ କରିପାରେନା...
କଳ୍ପକଳ୍ପ କାଳ
ହୃଦୟ ସମର୍ପି ଦେଲା ପରେ ବି,
କେହି ଜଣେ ପ୍ରେମିକ ତପସ୍ୱୀ
ନାରୀ ହୃଦୟର ତପୋଭୂମିରେ
ସମାଧିସ୍ଥ ହୋଇପାରିବାର
ଦମ୍ଭ ରଖେନା।

**– ପାର୍କ ପାରାଡାଇଜ୍ କଲୋନୀ,**
**ରଘୁନାଥପୁର, ଦୁଲାଦେଇ ଛକ, ବାରଙ୍ଗ**

**ସରୋଜିନୀ ଇନ୍ଦ୍ରସିଂ**ଙ୍କ ଜନ୍ମ ୧୯୩୭ରେ, ପୁରୀ ଜିଲା କଣାସ ନିକଟ ଦୋକନ୍ଦା ଗ୍ରାମରେ। ମାଟ୍ରିକ୍ ପାସ୍ ୧୯୫୬ରେ। ବିବାହ ପରେ ପି.ୟୁ. ଓ ସି.ଟି. ପାସ୍ ୧୯୭୧ରେ। ପ୍ରଥମ କବିତା 'ମୋ ଟିକି ବଗିଚା', କଲିକତାରୁ ପ୍ରକାଶିତ 'ଆସଂତାକାଲି' ପତ୍ରିକାରେ, ଯେତେବେଳେ ସେ ଅଷ୍ଟମ ଶ୍ରେଣୀର ଛାତ୍ରୀ। ପରେ ଅନେକ କବିତା ଆସଂତାକାଲି, ଦିଗ୍‌ବଳୟ, ଜଳୌକାବାଣୀ, ବାଣୀ, ସୃଜନୀ, ଗୌରବ ଇତ୍ୟାଦି ପତ୍ରିକାରେ ପ୍ରକାଶିତ। ଅନେକ ବର୍ଷର ନୀରବତା ପରେ ୧୯୯୫ରୁ ପୁଣି ଲେଖାଲେଖି। 'ପଶ୍ଚିମା ପ୍ରକାଶନୀ' ଆନୁକୂଲ୍ୟରେ 'ବେଙ୍ଗରଜା ଯାଏ ବିଦେଶ କରି', 'ଯଦି ଯାଆନ୍ତି ମୁଁ ଜହ୍ନ ରାଇଜେ', 'ଫୁଲଟିଏ ଫୁଟିଥିଲେ' ଆଦି ଶିଶୁ ପୁସ୍ତକ ପ୍ରକାଶିତ। 'ମାଟିର କୁଡ଼ିଆ ପରେ' ତାଙ୍କ ପ୍ରକାଶିତ ଅନ୍ୟ ଏକ କବିତା ବହି। ୮୨ ବର୍ଷ ବୟସରେ ବି କବିତା ରଚନାରେ ବ୍ରତୀ ସରୋଜିନୀ...



# ତୁମ ହାତର ମୁଁ କଣ୍ଢେଇ

**ସରୋଜିନୀ ଇନ୍ଦ୍ରସିଂ**

ଆକାଶ ବୁକୁରେ ଜୋଛନା
ଲହଡ଼ି ଭାଙ୍ଗଇ,
ତାରା ମଉଛବ ମନକୁ
ଦିଅଇ ରଙ୍ଗେଇ।
ଗୋଲାପ, ନିଆଳି ଅଧରେ
ମଧୁର ମହକ,
ବେସୁରା ପବନେ କେତେ ଛନ୍ଦ
କେତେ କୁହୁକ।
ଗଛ ପତରରେ ସବୁଜିମା
ଶିରୀ ସୁନ୍ଦର,
ନଦୀ ସମୁଦରେ ଲହରୀର
ଖେଳ ଉତ୍ତାଳ।
ଦୂର ପରବତ ଆସନ
ଧ୍ୟାନୀ ଯୋଗୀର,
ପକ୍ଷୀର କାକଳି ତୋଳେ
ରାଗିଣୀର ଝଙ୍କାର।
ଉଷା ଆଗମନ ଆଲପନା
କେତେ ଲେଖଇ,
ପାହାନ୍ତିଆ ତାରା ଲୁଚିଲୁଚି
ସବୁ ଦେଖଇ।
ଦେଉଳ ମଥାନେ ସୂରୁଯ
କନକ କିରଣ
ଝଲସେ ମନ୍ଦିର ଭକତିର
କଥା କହିଣ।
ଦୂର୍ବାଦଳ ହସେ କାକର
ମୁକୁତା ମୁଣ୍ଡେଇ,
ପ୍ରକୃତି ମନ୍ଦିର ହେ ମହାନାୟକ
ତୁମ ହାତର ମୁଁ କଣ୍ଢେଇ॥

# ପ୍ରୀତିପୂର୍ବା

**ତନ୍ଦ୍ରାଳସା ଦାସ**

ତମ ପାଖରେ କ'ଣ ଅଛି,
କ'ଣ ନାହିଁ
ସେ ହିସାବ ମୋର
କେବେ କାଳେ
ଲୋଡ଼ା ହିଁ ନ ଥାଏ,
ତମ ସହ ବିତିଥିବା
ମୁହୂର୍ତ୍ତମାନେ ପଚାରିଲେ
ଅଳି କଲେ, ଥରେ ଅଧେ
ଉତ୍ତର ମୁଁ ଦିଏ।

ମୋ' ମନ ଖାତାର
ପ୍ରତିଟି ପୃଷ୍ଠାରେ
ତୁମକୁ ହିଁ ଲେଖୁଥାଏ,
ହଜିଯାଏ ଯେବେ
ମୋ' ନିଜ ଠିକଣା
ଖୋଜିଖୋଜି ଥକିଯାଏ
ପାଏନା ନିଜକୁ, ମୋ' ନିଜ ଭିତରେ
ତୁମକୁ ହିଁ ପାଉଥାଏ।

ତମକୁ ନିୟମିତ ପଢୁଥିବା
ପାଠିକାଟେ ମୁଁ
ଏମିତିଆ ତମେ ବହିଟିଏ,
ତମକୁ ଗାଉଥିବା ଗାୟିକାଟେ
ବନିଯାଏ ପୁଣି
ଯେବେ ହୁଅ ତମେ
ସୁର ତାଳବନ୍ଧା ରାଗଟିଏ।

ତମେ ଯେବେ
ଅଥଳ ସାଗର ହୁଅ
ଅମାନିଆ ଢେଉ ସାଜି ମୁହିଁ
ବେଳାଭୂମି ପରେ
ନିତି ମୁଣ୍ଡ ପିଟୁଥାଏ,
ପୁଣି କେବେ ମିଳନ ପିଆସୀ
ଚିରସ୍ରୋତା ନଈଟିଏ
ଅବିରତ ବହି ଯାଉଥାଏ।

ବୈଶାଖର ରୌଦ୍ରତାପ ତମେ
ଜଳୁଥାଅ ନିଜ ଉଷ୍ମତାରେ,
ମେଘଖଣ୍ଡ ସମ ମୁହିଁ
/–09823ଆକାଶରେ ଭାସି ବୁଲୁଥାଏ
ସୁଶୀତଳ ବାରିଧାରା
ହୋଇ ଝରେ, ଯେବେ
ପାଏ ଇସାରା ଟିକିଏ।

ଥିଲେ ତୁମେ ଥାଅ ଦୂରେ
ଅବା ନିକଟରେ
ମୋ' ପାଇଁ ରିଂଚେ ବି
ଫରକ ନ ଥାଏ,
ନୀରବରେ, ନିଃଶବ୍ଦରେ,
ନିଃସର୍ତ୍ତରେ, ନିଃସଂକୋଚେ
ତୁମ ସାଥେ
ଅହୋରାତ୍ର କଥା ହେଉଥାଏ।

**– ଏନ୍–୨/୧୦୦,**
**ଆଇଆର୍‌ସି ଭିଲେଜ, ଭୁବନେଶ୍ୱର**


## ଗୀତି–କବିତା

# ଫୁଲର ଖେଦ

**ମାଧବୀଲତା ଦେଈ**

ଫୁଲଟିଏ କଲ ମୋତେ
କିଆଁ ପ୍ରଭୁ କୁହନା,
ସହିବାକୁ ଦୁନିଆର
ଯେତେ ସବୁ ଯାତନା।

ଅଙ୍ଗେ ମୋର ଭରିଦେଲ
ନାନା ରଙ୍ଗ ଝଲକ,
ବାସନା ମୋ ଭରିଦିଏ
ପ୍ରାଣେ ପ୍ରାଣେ ପୁଲକ।



ଭାବିଥିଲି ଯିବ ଦିନ
ସେବି ତୁମ ପୟର,
ହେଲେ, ହେଲି ମହୁମାଛି
ଭଅଁରଙ୍କ ଶିକାର।

ତୋଳିନେବା ଲୋକେ ପାଦେ
ଦଳିଦେଲେ କାହିଁକି,
ଅନୁଗତା ସେବିକାର
ପରିଣତି ଏହି କି ?

କୁରୂପ କୁତ୍ସିତ ମୋତେ
କରିଦିଅ ଶ୍ରୀହରି,
ମୋ' ଉପରେ ନ ପଡ଼ିବ
ପାପ–ଦୃଷ୍ଟି କାହାରି।


**– ପ୍ରଧାନ ଶିକ୍ଷୟିତ୍ରୀ**
**କନପୁର ନୋଡାଲ ଉ.ପ୍ରା. ବିଦ୍ୟାଳୟ,**
**ନିମାପଡ଼ା, ପୁରୀ**

ମିନିଗଳ୍ପ

# କବିଙ୍କ କଲମ


ଦେବେନ୍ଦ୍ର କର

ସେଦିନ ସକାଳୁ ସକାଳୁ ରେଳଷ୍ଟେଶନରେ ଖୁବ୍ ଗହଳି ଜମିଥାଏ। କବି ମହାଶୟ ଟ୍ରେନ୍ ଆସିବାକୁ ଚାହିଁ ରହିଥା'ନ୍ତି। ଏଇ ସମୟରେ ରାଗ, କ୍ଷୋଭମିଶା ସ୍ୱରରେ କଲମଟି କହି ଉଠିଲା ମୋ' ପରିଶ୍ରମର ସବୁ ଶ୍ରେୟ ତ ତୁମେ ନେଉଛ। ଚାରିଆଡୁ ତୁମ ପାଖକୁ ଶୁଭେଚ୍ଛା ବାର୍ତ୍ତା ଛୁଟିଆସୁଛି। ସଭାମଞ୍ଚରେ ତୁମେ ସମ୍ମାନିତ ହେଉଛ। କରତାଳିରେ ଦର୍ଶକମାନେ ତୁମର ସ୍ୱାଗତ କରୁଛନ୍ତି। କୋଣ ଅନୁକୋଣରେ ଅସଂଖ୍ୟ ପାଠକ ତୁମ ଲେଖାକୁ ଚାତକ ପରି ଚାହିଁ ବସୁଛନ୍ତି। ହେଲେ ଦିନକ ପାଇଁ ମୋ' ନାଁ କେହି ବି ତୁଣ୍ଡରେ ନେଉନାହାନ୍ତି। ମୁଁ ତୁମର ସହଯୋଗୀ ଓ ଶୁଭଚିନ୍ତକ। ତୁମ ପରିଶ୍ରମରେ ମୋର ଯୋଗଦାନ ସର୍ବଦା ରହିଛି। ପ୍ରତିବଦଳରେ ମୋ' ଭାଗ୍ୟ ଶୂନ୍ୟ। ତା'ମାନେ କ'ଣ ମୋ' ପରିଶ୍ରମ ସବୁ ବୃଥା!



କଲମର ସବୁକଥା ଶୁଣି କବି କହିଲେ- ତୁମେ ସେମିତି କାହିଁକି ଭାବୁଛ। ତୁମ ତ୍ୟାଗ, ନିଷ୍ଠା ଉଦ୍ୟମକୁ ମୁଁ ସର୍ବଦା ସମ୍ମାନ ଦେଇଆସିଛି ଓ ଜୀବନର ଶେଷ ପର୍ଯ୍ୟନ୍ତ ନିଜ କର୍ତ୍ତବ୍ୟ ପଥରୁ କଦାପି ଓହରିବି ନାହିଁ। ମନ କଥା ସିନା କେବେ ପରିପ୍ରକାଶ କରେନି, ଅନ୍ତରରେ ତୁମ ପ୍ରତି ମୋର ଯଥେଷ୍ଟ ଶ୍ରଦ୍ଧା ଓ ସମ୍ମାନ ରହିଛି। ତୁମେ ଭଗବାନ୍‌ଙ୍କ ଶ୍ରେଷ୍ଠ ସୃଷ୍ଟି, ଅଜସ୍ର ସୃଜନର ଭଣ୍ଡାର। ତୁମ ଶକ୍ତି ସଙ୍ଗେ କିଛି ବି ତୁଳନୀୟ ନୁହେଁ। କବିଙ୍କ ମୁଖରୁ ସବୁକଥା ଶୁଣି କଲମ ବେପରୁଆ ଢଙ୍ଗରେ ହସିଦେଲା। ବୋଧହୁଏ କବିଙ୍କ କଥାରେ ତା'ର ବିଶ୍ୱାସ ଆସିଲା ନାହିଁ। ଲୋକ ଗହଳିରେ କବି ମହାଶୟ ନିଜ ପକେଟ୍ ସଜାଡୁ ସଜାଡୁ ଅଚାନକ କଲମଟି ଖସିପଡ଼ି କିଛିବାଟ ଗଡ଼ିଗଲା। କବି କଲମଟି ଉଠେଇବାକୁ ଯାଉଥିଲେ, ଏଇ ସମୟରେ ତାଙ୍କ ନିକଟରେ ଉପସ୍ଥିତ ଥିବା ଅଜଣା ବ୍ୟକ୍ତି ଜଣଙ୍କ ଚଟାଣ ଉପରୁ କଲମଟି ଉଠାଇନେଲେ। କ୍ଷମାପ୍ରାର୍ଥନା କରି କଲମଟି ନିଜ ମଥାରେ ଛୁଇଁଲେ। ତାଙ୍କ ନିକଟରେ ଥିବା ଅନ୍ୟ ଜଣେ ବ୍ୟକ୍ତି କଲମଟି ତାଙ୍କ ହାତରୁ ମାଗିନେଇ ନିଜ ମଥାରେ ଛୁଇଁଲେ। ଓଃ ସରି ସରି ତାଙ୍କ ପାଟିରୁ ହାଲୁକା ଶବ୍ଦଟିଏ ଶୁଭିଲା। ନିଜ କଲମଟି ଗ୍ରହଣ କରିବା ପରେ କବି ମହାଶୟ ନିଜ ମଥାରେ ଛୁଇଁଲେ ଆଉ ପକେଟର ଗୋଟେ କୋଣରେ ସାଇତି ଦେଲେ। କଲମ ତୁଣ୍ଡରେ ଆଉ କୌଣସି ଶବ୍ଦ ନ ଥିଲା ବୋଧେ! ସେ ତା' ଉତ୍ତର ପାଇ ସାରିଥାଏ। ଟ୍ରେନ୍ ପ୍ଲାଟ୍‌ଫର୍ମରେ ଲାଗି ଯାଇଥାଏ। ସମୟ ଘଡ଼ିକୁ ଚାହିଁ କବି ଏଥର ଟ୍ରେନ୍ ଆଡ଼କୁ ପାଦ ବଢ଼େଇଲେ।


– ମଙ୍ଗଳାବାଗ, ନିୟୋଗୀ କଲୋନୀ, କଟକ-୧



# ପୁସ୍ତକ ପରିଚୟ

## ରମେଶ ପ୍ରସାଦ ପାଣିଗ୍ରାହୀ ରଚନାସମଗ୍ର(ପ୍ରଥମ ଭାଗ)


**ପ୍ରକାଶକ:** ଆର୍ଯ୍ୟ ପ୍ରକାଶନ, ଜଗନ୍ନାଥ ଲେନ୍, ବାଦାମବାଡ଼ି, କଟକ-୧୨
**ପ୍ରଥମ ପ୍ରକାଶ:** ୨୦୧୯, **ମୂଲ୍ୟ:** ଟ.୪୦୦/-




ମୋଟ ୬ଟି ନାଟକକୁ ନେଇ ପ୍ରକାଶ ପାଇଛି ପ୍ରଥିତଯଶା ନାଟ୍ୟକାର ରମେଶ ପ୍ରସାଦ ପାଣିଗ୍ରାହୀଙ୍କ 'ରଚନାସମଗ୍ର'ର ପ୍ରଥମ ଭାଗ। ସ୍ଥାନିତ ନାଟକଗୁଡ଼ିକ ହେଲା– ମୁକ୍ତି ମଣ୍ଡପ, ତିମିର ତୃଷ୍ଣା, ବିନ୍ଦୁ ଓ ବଳୟ, ହେ ପୃଥିବୀ ବିଦାୟ, କମଳପୁର ଡାକଘର ଓ ଗୁଣ୍ଡା। 'ମୁଖବନ୍ଧ'ରେ ନାଟକଗୁଡ଼ିକର ରଚନାକାଳ, ମଞ୍ଚାଭିନୟ ଓ ଦର୍ଶକ ମହଲରେ ତା'ର ପ୍ରଭାବ ସମ୍ପର୍କରେ ଉଲ୍ଲେଖ ରହିଛି। ଏହି ନାଟକଗୁଡ଼ିକ ମୁଖ୍ୟତଃ ଷଷ୍ଠ ଦଶକର ଭାରତୀୟ ସମାଜ, ରାଜନୀତି ଓ ଜନଜୀବନର ପ୍ରତିଫଳନ। ପାଣିଗ୍ରାହୀଙ୍କ ବକ୍ତବ୍ୟ: ''x x x ଷଷ୍ଠ ଦଶକର ଏହି ନାଟକଗୁଡ଼ିକ ମୁଖ୍ୟତଃ ନାଟ୍ୟକାରଭିତ୍ତିକ ଥିଲା। ଏଗୁଡ଼ିକର ମଞ୍ଚସଜ୍ଜା ଓ ନାଟକୀୟ ପରିବେଶ ଓଡ଼ିଆ ଦର୍ଶକମାନଙ୍କ ପାଇଁ ସମ୍ପୂର୍ଣ୍ଣ ନୂଆ ଥିଲା।'' 'ରଚନାସମଗ୍ର' ପ୍ରକାଶ ପାଇବା ଦ୍ୱାରା ବଜାରରେ ପ୍ରାୟତଃ ଉପଲବ୍ଧ ନ ଥିବା ନାଟକଗୁଡ଼ିକୁ ପାଠକେ କେବଳ ପାଇପାରିବେ ନାହିଁ, ନାଟକ ଓ ରଙ୍ଗମଞ୍ଚକୁ ନେଇ ଗବେଷଣାରେ ଆଗ୍ରହୀ ବିଦ୍ୱାନ୍‌ମାନଙ୍କ ପାଇଁ ମଧ୍ୟ ଏହା ଏକ ଈପ୍‌ସିତ ପ୍ରାପ୍ତି ହେବ। ସ୍ୱାଧୀନତା ପରବର୍ତ୍ତୀ ଓଡ଼ିଆ ନାଟକରେ ରମେଶ ପ୍ରସାଦ ଏକ ସର୍ବଭାରତୀୟ ସମ୍ପଦ ଓ ଏହି କାରଣରୁ ତାଙ୍କ ନାଟକଗୁଡ଼ିକର ଜନ-ଉପଲବ୍ଧି ଜରୁରୀ ହୋଇଥିବାରୁ 'ଆର୍ଯ୍ୟ ପ୍ରକାଶନ'ର ଏ ଉଦ୍ୟମ ପ୍ରଶଂସନୀୟ।

## ଇନ୍ଦ୍ରଧନୁର ଅଷ୍ଟମ ରଙ୍ଗ


**ସମ୍ପାଦନା:** ମନମୋହନ ଦାଶ, ହରେକୃଷ୍ଣ ଦାସ ଓ ଈପ୍‌ସିତା ଷଡ଼ଙ୍ଗୀ
**ପ୍ରକାଶକ:** 'ଲେଖାଲେଖି', ଭିଏସ୍ଏସ୍ ନଗର, ଭୁବନେଶ୍ୱର-୭
**ପ୍ରଥମ ପ୍ରକାଶ:** ୨୦୧୯, **ମୂଲ୍ୟ:** ଟ.୨୩୦/-




କବି ଡ. ବଂଶୀଧର ଷଡ଼ଙ୍ଗୀଙ୍କ କବିତା ସମ୍ପର୍କରେ ବିଭିନ୍ନ ସମୟରେ ଭିନ୍ନଭିନ୍ନ ଆଲୋଚକଙ୍କ ଦ୍ୱାରା ଲିଖିତ ଓ ପ୍ରକାଶିତ ସମାଲୋଚନା କତିପୟକୁ ନେଇ ଆଲୋଚ୍ୟ ଗ୍ରନ୍ଥଟି ପରିକଳ୍ପିତ ଓ ଆମ ସମୟର ଏପରି ତିନିଜଣ ସୃଜନଶୀଳ ସ୍ରଷ୍ଟାଙ୍କ ସଯତ୍ନ ସମ୍ପାଦନାରେ ଗ୍ରନ୍ଥଟି ମୁଦ୍ରିତ, ଯେଉଁମାନଙ୍କର ବୃତ୍ତି ଅଧ୍ୟାପନା। ଗ୍ରନ୍ଥ ପାଇଁ ଚୟିତ ଆଲୋଚନାଗୁଡ଼ିକ ଯେଉଁ ଯଶସ୍ୱୀ ଲେଖିକାଲେଖକମାନେ ଲେଖିଛନ୍ତି, ସେମାନଙ୍କ ମଧ୍ୟରେ ଅଛନ୍ତି କୁମୁଦ ଚନ୍ଦ୍ର ଦାଶ, ଅଶ୍ୱିନୀ କୁମାର ମିଶ୍ର, ମନମୋହନ ଦାଶ, ଦିଲୀପ କୁମାର ସ୍ୱାଇଁ, ଈପ୍‌ସିତା ଷଡ଼ଙ୍ଗୀ, କୃଷ୍ଣ କୁମାର ମହାନ୍ତି ଓ ହରେକୃଷ୍ଣ ଦାସ। ଏଥିସହିତ କବି ଷଡ଼ଙ୍ଗୀଙ୍କଠୁଁ ହୃଷୀକେଶ ମଲ୍ଲିକଙ୍କ ଦ୍ୱାରା ଗୃହୀତ ଦୁଇଟି ସାକ୍ଷାତ୍‌କାର ଗ୍ରନ୍ଥରେ ସଂଯୋଜିତ ହୋଇଛି, ଯହିଁରୁ କବିଙ୍କ ସୃଜନଭୂମିକୁ ନିକଟରୁ ଚିହ୍ନିହୁଏ। ହଁ, କବିଙ୍କର ସଂକ୍ଷିପ୍ତ ଜୀବନୀ, ପ୍ରକାଶିତ ପୁସ୍ତକାବଳୀ ଓ ବିଭିନ୍ନ ସମ୍ମାନ/ ପୁରସ୍କାର ଆଦି ବିଷୟରେ ବହୁ ଜ୍ଞାତବ୍ୟ ସୂଚନା ଆଗ୍ରହୀ ପାଠକେ ପୁସ୍ତକଟିରୁ ପାଇପାରିବେ।

## ଆଧୁନିକ କାବ୍ୟଧାରା: ଅନ୍ୱେଷା ଓ ଜିଜ୍ଞାସା

**ଲେଖକ:** ଡ. ଭଗବାନ ପଟେଲ
**ପ୍ରକାଶକ:** କାବ୍ୟଲୋକ, ଜଟଣୀ, ପୁରୀ
**ପ୍ରଥମ ପ୍ରକାଶ:** ୨୦୧୯, **ମୂଲ୍ୟ:** ଟ.୩୦୦/-





ଆଲୋଚ୍ୟ ସମାଲୋଚନା ପୁସ୍ତକଟି ଆମ ସମୟର ଅନ୍ୟତମ ଆଗ୍ରହୀ ସମାଲୋଚକ ଡ. ଭଗବାନ ପଟେଲଙ୍କ ଦ୍ୱାରା ରଚିତ, ଯହିଁରେ 'ସତ୍ୟବାଦୀ' କାବ୍ୟଯୁଗଠୁଁ ଆରମ୍ଭ କରି ସାମ୍ପ୍ରତିକ ସମୟର କବିତାମାନ ଆଲୋଚିତ ହୋଇଛି। ଡ. ପଟେଲ ତାଙ୍କ ଅଧିତ ଜ୍ଞାନ ଓ ମୌଳିକ ବିବେଚନାର ସାହାରାରେ ବହୁ ବିଶିଷ୍ଟ ଓ କେତେକ ନୂତନ କବିଙ୍କ କବିତାର ମୂଲ୍ୟାୟନ କରିଛନ୍ତି ଗ୍ରନ୍ଥସ୍ଥ ୧୬ଟି ନିବନ୍ଧରେ। ବିନୋଦ ଚନ୍ଦ୍ର ନାୟକ, ବେଣୁଧର ରାଉତ, ରମାକାନ୍ତ ରଥ, ସୀତାକାନ୍ତ ମହାପାତ୍ର, ବ୍ରଜନାଥ ରଥ, ସୌଭାଗ୍ୟ କୁମାର ମିଶ୍ର, ପ୍ରମୋଦ କୁମାର ମହାନ୍ତି, ନୀଳାଦ୍ରିଭୂଷଣ ହରିଚନ୍ଦନ, ନିତ୍ୟାନନ୍ଦ ନାୟକ, ମମତା ଦାଶ, ଅପର୍ଣ୍ଣା ମହାନ୍ତି ଓ ଶୁଭଶ୍ରୀ ଲେଙ୍କାଙ୍କ କବିତା ସଂପର୍କରେ ପଟେଲଙ୍କ ଆବେଗୋଦ୍ୟତ ଆକଳନ ଏସବୁ କବିଙ୍କ କବିତାରେ ଆଗ୍ରହ ରଖୁଥିବା ପାଠକ ଓ ଗବେଷକଙ୍କ ପାଇଁ ସହାୟୀ ହେବ। ବହିଟିର ଏକମାତ୍ର ଦୁର୍ବଳତା ଆହୃତ ତଥ୍ୟର ସୁସମନ୍ୱିତ ସଂସ୍ଥାପନରେ ତାଙ୍କର ଶ୍ରମ-କାତରତା।

## ଶ୍ରୀକ୍ଷେତ୍ର, ଶ୍ରୀମନ୍ଦିର ଓ ଶ୍ରୀଜଗନ୍ନାଥ


**ସଂପାଦକ:** ଗୋପୀନାଥ ମହାନ୍ତି
**ପ୍ରକାଶକ:** ଶ୍ରୀଜଗନ୍ନାଥ ସଂସ୍କୃତି ପରିଷଦ, ଭୁବନେଶ୍ୱର
**ପ୍ରଥମ ପ୍ରକାଶ:** ୨୦୧୯, **ମୂଲ୍ୟ:** ଟ.୨୫୦/-

'ଶ୍ରୀକ୍ଷେତ୍ର, ଶ୍ରୀମନ୍ଦିର ଓ ଶ୍ରୀଜଗନ୍ନାଥ' ଶୀର୍ଷକ ପୁସ୍ତକର ଏହା ଚତୁର୍ଥ ଭାଗ, ଯେଉଁଥିରେ ଚୟିତ ବିଷୟ ଆଧାରରେ ଓଡ଼ିଆ ଏବଂ ଇଂଲିଶ୍‌ରେ ବହୁ ମୂଲ୍ୟବାନ୍ ନିବନ୍ଧ (ଅଭିଜ୍ଞ ଲେଖକ ଓ ଗବେଷକଙ୍କ ଦ୍ୱାରା ପ୍ରସ୍ତୁତ) ସ୍ଥାନିତ ହୋଇଛି। ମୂଳ ଓଡ଼ିଆରୁ ଇଂଲିଶ୍‌କୁ ଅନୂଦିତ କେତେକ ନିବନ୍ଧ ମଧ୍ୟ ଗ୍ରନ୍ଥରେ ସ୍ଥାନିତ। ଗ୍ରନ୍ଥାରମ୍ଭରେ ଥିବା ସୂଚନାରୁ ମନେହୁଏଯେ, ପରିଷଦ ତଥ୍ୟ ଦୃଷ୍ଟିରୁ 'ସ୍କନ୍ଦ ପୁରାଣ'କୁ ପ୍ରାମାଣିକ ମାନିଛନ୍ତି, ତେଣୁ ପୁସ୍ତକସ୍ଥ ଆଲୋଚନାରେ ଯଦି ତହିଁର ବ୍ୟତିକ୍ରମ ଘଟିଥାଏ, ତେବେ ତା'ର ଦାୟ ସେ ବହନ କରିବେ ନାହିଁ। ପରିଷଦର ନିଜସ୍ୱ ଧାରଣା ଆଧାରରେ ଗ୍ରନ୍ଥସ୍ଥ ଆଲୋଚନାଗୁଡ଼ିକ ପ୍ରସ୍ତୁତ ହୋଇଥିବାରୁ ସମ୍ମତ ପାଠକେ ଏଥିରୁ ଉପକୃତ ହୋଇପାରିବେ। ବିଶେଷାଙ୍କଟି ଶ୍ରୀଜଗନ୍ନାଥ ସଂସ୍କୃତିରେ ଅବଗାହୀ ବିଦ୍ୱାନ୍‌ମାନଙ୍କ ଦ୍ୱାରା ପ୍ରସ୍ତୁତ ହୋଇଥିବାରୁ ଏହା ଜନାମୋଦି ହେବ ବୋଲି ଆଶା।




## ଭିନ୍ନ ଦୃଷ୍ଟି (ପ୍ରଥମ ଭାଗ)

**ଲେଖକ:** ଶଙ୍କର୍ଷଣ ପଣ୍ଡା
**ପ୍ରକାଶକ:** ସମର୍ଥା ପବ୍ଲିକେଶନ୍, ଲୁଇସ୍ ରୋଡ଼, ଭୁବନେଶ୍ୱର-୧୪
**ପ୍ରଥମ ପ୍ରକାଶ:** ୨୦୧୯, **ମୂଲ୍ୟ:** ଟ.୧୬୦/-




'ଭିନ୍ନ ଦୃଷ୍ଟି' (ପ୍ରଥମ ଭାଗ)ରେ ଲେଖକ ଶ୍ରୀ ପଣ୍ଡା କହିଛନ୍ତି, ଗ୍ରନ୍ଥଟିର ବିଷୟବସ୍ତୁ ୧୯୯୯ରୁ ଆରମ୍ଭ ଓ ସମୟକ୍ରମେ ବିଭିନ୍ନ ଖବରକାଗଜରେ ଏଗୁଡ଼ିକ ପ୍ରକାଶିତ। ବ୍ୟକ୍ତିଗତ ଓ ଜାତୀୟ ଜୀବନରେ ନାନା ସମୟରେ ସଂଘଟିତ ରୋଚକ, ଏପରିକି ଅରୁଚିକର ଘଟଣାବଳୀ ଲେଖକଙ୍କ ମାନସପଟରେ ଯେପରି ରେଖାପାତ କରନ୍ତି, ତା'ରି ଆଧାରରେ ସେ ବହୁ ଆଲେଖ୍ୟ ଲେଖିଛନ୍ତି ନିଜସ୍ୱ ସୃଜନ-ଦୃଷ୍ଟି ଦେଇ, ଯହିଁରୁ ୬୬ଟି ଲେଖା ଆଲୋଚ୍ୟ ପୁସ୍ତକରେ ସଂକଳିତ ହୋଇଛି। 'ବୀରାପ୍ପାନ ତାମସା', 'ଧରାଧରି', 'ସାରେ ଜହାଁସେ ଅଚ୍ଛା', 'ବହିଚୟନ ବିବାଦ', 'ମୋ ସ୍ମୃତିରେ ଗଡ଼ନାୟକ', 'ଭଗ୍ନଜାନୁ ଓଡ଼ିଶା ସାହିତ୍ୟ ଏକାଡେମୀ', 'ମିନି ତେହେଲ୍‌କା', 'ସରକାରୀ ଲାଞ୍ଚ', 'ବିଭାଜିତ ବାମପନ୍ଥୀ', 'ରଣଛାଡ଼ ଭେଳିକି', 'ଭାରତରତ୍ନ ଉପାଖ୍ୟାନ', 'ଆନ୍ନା ହଜାରେ', 'ଆଶାର ଆଲୋକ-ଆପ୍' ଭଳି ଲେଖାଗୁଡ଼ିକରୁ ଲେଖକଙ୍କ ବିବିଧାନୁଭୂତି କିପରି ସ୍ଥିର ମନନ ଦ୍ୱାରା ଶବ୍ଦାୟିତ, ତାହା ବୁଝାପଡ଼େ। 'ମୁଖବନ୍ଧ'ରେ ଭାଗୀରଥି ମହାସୁଆର ଲେଖିଛନ୍ତି: ଗ୍ରନ୍ଥସ୍ଥ 'ସମସ୍ତ ବିଷୟ ତାତ୍କାଳିକ ଓ ବିନ୍ଦୁ ନିର୍ଦ୍ଦିଷ୍ଟ। x x ସେଗୁଡ଼ିକୁ ଏକତ୍ର କରି ଏକ ସର୍ବକାଳୀନ ରୂପ ଦେବାକୁ ଏ ସଂକଳନରେ ପ୍ରଚେଷ୍ଟା ହୋଇଛି।' ଏହି ମତ ଯଥାର୍ଥ।